୬ ଡି. ଗୁକେଶ ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିଅନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
# ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୩୧୪ ● ୧୩ ଡିସେମ୍ବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-314 ● 13rd December 2024, Friday ● Bhubaneswar
Licensed to post without pre-payment of postage No- BN-60/25-27

## ଏକ ଦେଶ-ଏକ ନିର୍ବାଚନ ବିଲ୍‌କୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

**ନୂଆଦିଲ୍ଲୀ, ୧୨।୧୨**

ଏକ ଦେଶ, ଏକ ନିର୍ବାଚନ ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର ସରକାର ପ୍ରସ୍ତୁତି ଜୋରଦାର କରିଛନ୍ତି। ସଂସଦର ଚଳିତ ଅଧିବେଶନର ଏହି ବିଲ୍ ଆଗତ ହୋଇପାରେ ବୋଲି ଶୁଣିବାକୁ ମିଳୁଥିବା ବେଳେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି 'ୱାନ ନେସନ, ୱାନ ଇଲେକ୍ସନ' ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ବିସ୍ତୃତ ଆଲୋଚନା ପାଇଁ ଏହି ବିଲ୍ ମିଳିତ ସଂସଦୀୟ କମିଟି ନିକଟକୁ ପଠାଯାଇପାରେ। ଏହି ବିଲ୍ ଉପରେ ସରକାର ଏକ ସହମତି ଚାହୁଁଛନ୍ତି।

ଏହାପୂର୍ବରୁ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ଉପରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ *(ପୃଷ୍ଠା ୭ରେ)*



## ଇଆରଏସ୍ଏସ୍ ସେବା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

**ଭୁବନେଶ୍ୱର, ୧୨।୧୨**
**ନ୍ୟୁଜ୍ ବ୍ୟୁରୋ**

ପୁଲିସର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଲାଗି ରାଜ୍ୟ ସରକାର ଗୃହରକ୍ଷୀଙ୍କ ସଂଖ୍ୟା ୨,୪୧୬ରୁ ୫ ହଜାରକୁ ବୃଦ୍ଧି କରିଛନ୍ତି। ବିଭାଗର ପଦବୀ ବଢାଇ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ *(ପୃଷ୍ଠା ୭ରେ)*



## ଧାନ ସଂଗ୍ରହ ସମୀକ୍ଷା
## ଦଲାଲଙ୍କ ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର, ୧୨।୧୨ : ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏହି ସମୀକ୍ଷା ବେଳେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଚାଷୀମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡିରେ ଚାଷୀମାନଙ୍କ ପାଇଁ ଖାଦ୍ୟ, ପାଣି ଓ ଟଏଲେଟର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି। ଦଲାଲମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୁରୁବାର ନୂଆ ସରକାର ଗଠନର ଛଅ ମାସ ପୂରଣ ହେଉଛି। ପିଏମ୍ କିଷାନ ଓ ସିଏମ୍ କିଷାନ ସହିତ ୮୦୦ ଟଙ୍କା ଇନ୍‌ପୁଟ ସହାୟତାରେ ଧାନ କିଣା ବ୍ୟବସ୍ଥା ଚାଷୀଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ୧୭ ଲକ୍ଷରୁ *(ପୃଷ୍ଠା ୭ରେ)*

## ଛତିଶଗଡ଼ରେ ବଡ଼ ଏନ୍‌କାଉଣ୍ଟର, ୭ ନକ୍ସଲ ସଫା



**ଛତିଶଗଡ, ୧୨।୧୨ : ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ସକାଳୁ ଦାନ୍ତେୱାଡ଼ା ଜିଲ୍ଲାର ଦକ୍ଷିଣ ଅବୁଝମାଡ଼ ଜଙ୍ଗଲରେ ପୁଲିସ ଓ ନକ୍ସଲ ମୁହାଁମୁହିଁ ହୋଇଥିଲେ।

ଛତିଶଗଡ଼ରେ ବଡ଼ ଏନ୍‌କାଉଣ୍ଟର। ପୁଲିସକୁ ମିଳିଲା ବଡ଼ ସଫଳତା। ନକ୍ସଲ ପ୍ରଭାବିତ ଅଞ୍ଚଳ ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ୭ ଜଣ ନକ୍ସଲ ନିହତ ହୋଇଛନ୍ତି। ଗୁରୁବାର ସକାଳୁ ଦାନ୍ତେୱାଡ଼ା ଜିଲ୍ଲାର ଦକ୍ଷିଣ ଅବୁଝମାଡ଼ ଜଙ୍ଗଲରେ ପୁଲିସ ଓ ନକ୍ସଲ ମୁହାଁମୁହିଁ ହୋଇଥିଲେ। ଏଥିରେ ସୁରକ୍ଷାବାହିନୀ ଗୁଳିରେ ୭ ଜଣ ନକ୍ସଲ *(ପୃଷ୍ଠା ୭ରେ)*

## ଖୁବଶୀଘ୍ର ଶ୍ରୀମନ୍ଦିର ମହାପ୍ରସାଦର ଦରଦାମ ନିୟନ୍ତ୍ରଣ କରାଯିବ : ଆଇନ ମନ୍ତ୍ରୀ



**ଭୁବନେଶ୍ୱର, ୧୨।୧୨**
**ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିରରେ ମହାପ୍ରସାଦ ପାଇବା ପାଇଁ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ଏବେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଢାଦରରେ *(ପୃଷ୍ଠା ୭ରେ)*

## ଆମେରିକାର ଡାର୍କ ଇଗଲ ଆଗରେ ଫେଲ ମାରିବ ଋଷ

**ୱାଶିଂଟନ, ୧୨।୧୨**

ଆମେରିକା ଏକ ନୂଆ ମିଜାଇଲ ସିଷ୍ଟମ୍ (କ୍ଷେପଣାସ୍ତ୍ର ବ୍ୟବସ୍ଥା) ତିଆରି କରିଛି। ଏହା ଏକ କ୍ଷେପଣାସ୍ତ୍ର ନିରୋଧୀ ସିଷ୍ଟମ, ଯାହା ଶତ୍ରୁପକ୍ଷର କ୍ଷେପଣାସ୍ତ୍ରକୁ ଆକାଶରେ ନଷ୍ଟ କରିପାରିବ। ଏହାର ନାଁ ହେଉଛି ଡାର୍କ ଇଗଲ। ଏଥିରେ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଲାଗିଛି, ଯାହା ଶତ୍ରୁର କ୍ଷେପଣାସ୍ତ୍ର ଆଡକୁ ଘଣ୍ଟାପ୍ରତି ୨୦,୮୨୬ କିଲୋମିଟର ବେଗରେ ଅଗ୍ରସର ହୋଇ ତାହାକୁ ଧ୍ୱଂସ କରିବାର କ୍ଷମତା ରଖିଛି। ଦୁଇଟି ଷ୍ଟେଜର ବାଲିଷ୍ଟିକ କ୍ଷେପଣାସ୍ତ୍ରରେ ଗୋଟିଏ ଷ୍ଟେଜ ହାଇପରସୋନିକ ଗ୍ଲାଇଡ୍ ୱାରହେଡ ରହିଛି।

ନିକଟରେ ଆମେରିକା ଏହାର ପରୀକ୍ଷଣ କେପ କେନଭରଲରେ କରିଛି। ନାସାର ରକେଟ ଏଠାରୁ ଉତ୍କ୍ଷେପଣ କରାଯାଇଥାଏ। ଡାର୍କ ଇଗଲ କ୍ଷେପଣାସ୍ତ୍ର ନିରୋଧୀ ସିଷ୍ଟମ ଋଷର ଏସ-୩୩୦ଭି୪, *(ପୃଷ୍ଠା ୭ରେ)*



30 YEARS
ସମ୍ପାଦକୀୟ
ସମ୍ବାଦ କଳିକା

# ୫୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି ପିଆଜ

ଗତ କିଛି ଦିନ ଭିତରେ ସାରା ଦେଶରେ ପିଆଜ ମହଙ୍ଗା ହେବାରେ ଲାଗିଛି। ପିଆଜ ଉପରେ କେନ୍ଦ୍ର ସରକାର ଜାରି କରିଥିବା କଟକଣା କୋହଳ ହେବା ଆଶାରେ କିଛି ବ୍ୟବସାୟୀ ପିଆଜକୁ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରିବାକୁ ପ୍ରୟାସ କରୁଥିବା ମଧ୍ୟ ଅଭିଯୋଗ ରହିଛି। ଭାରତର ସବୁଠୁ ବଡ଼ ପିଆଜ ପାଇକାରୀ ବଜାର ମହାରାଷ୍ଟ୍ରର ଲାସାଲଗାଁଓ ମଣ୍ଡିରେ ପିଆଜର ପାଇକାରୀ ଦାମ୍ କେଜି ପିଛା ୨୬ ଟଙ୍କାକୁ ବୃଦ୍ଧି ପାଇଛି। ମେ’ ୨୫ରେ ଏହି ଦାମ୍ ୧୭ ଟଙ୍କା ଥିଲା। ପିଆଜ ଦାମରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଉନ୍ନତ ମାନର ପିଆଜ କେଜି ଦାମ୍ କେଜି ପିଛା ୩୦ ଟଙ୍କା ରହିଛି। ଚାହିଦା ପୂରଣ କରିବା ଲାଗି ପିଆଜ ଯୋଗାଇ ହେଉନଥିବାରୁ ତାହାର ଦାମ୍ ବଢୁଛି। ଜୁନ୍ ମାସ ପରଠାରୁ ଚାଷୀ ଓ ବ୍ୟବସାୟୀମାନଙ୍କ ପାଖରେ ଥିବା ପିଆଜ ବଜାରକୁ ଆସିଯିବା କଥା। ରବି ଋତୁରେ ଉତ୍ପାଦନ କମ୍ ହୋଇଥିବାରୁ ପିଆଜ ଦାମ୍ ବଢ଼ିବ ବୋଲି ଭାବି ଚାଷୀମାନେ ତାହା ବଜାରକୁ ଛାଡୁନାହାନ୍ତି। ଅଳ୍ପ ଦାମରେ ପିଆଜ ବିକିବାକୁ ସେମାନେ କୁଣ୍ଠା ପ୍ରକାଶ କରୁଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀ ଲାଗି ସେମାନେ ଅଧିକ ଦାମ୍ ଆଶା କରୁଛନ୍ତି। ଅନ୍ୟପକ୍ଷରେ ପିଆଜ ରପ୍ତାନି ଉପରେ ଲଗାଯାଇଥିବା କଟକଣା କୋହଳ କରାଯିବା ପରେ ଶ୍ରୀଲଙ୍କା, ବାଂଲାଦେଶ, ମାଲେସିଆ ଓ ଅନ୍ୟାନ୍ୟ ଦେଶକୁ ପିଆଜ ରପ୍ତାନି ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଦେଶ ଭିତରେ ପିଆଜ ଅଭାବ ଦେଖାଦେଇଛି। ଜଣେ ବ୍ୟବସାୟୀଙ୍କ ସୂଚନା ଅନୁସାରେ ମହାରାଷ୍ଟ୍ରର ନାସିକରୁ ପ୍ରତିଦିନ ୩୦ ଟନ୍ ଲେଖାଏଁ ପିଆଜ ଭର୍ତ୍ତି ହୋଇଥିବା ୧୦୦ କଣ୍ଟେନର ରପ୍ତାନି ହେଉଛି। ଗତମାସରୁ କଟକଣା କୋହଳ ହେବା ପରେ ଅଧିକ ପରିମାଣର ପିଆଜ ଦେଶ ବାହାରକୁ ଯାଉଛି। ଦେଶ ଭିତରେ ପିଆଜ ଅଭାବ ଦେଖାଦେବା ପରେ କେନ୍ଦ୍ର ସରକାର ତାହାର ରପ୍ତାନି ଉପରେ ୪୦ ପ୍ରତିଶତ ଟିକସ ଲଗାଇଥିଲେ। ସେଥିପାଇଁ ପିଆଜ ରପ୍ତାନି କମ୍ ରହିଛି। ଅନ୍ୟପକ୍ଷରେ ନିକଟରେ ସାରା ଦେଶରେ ପିଆଜର ଚାହିଦା ବଢ଼ିଛି। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ମହାରାଷ୍ଟ୍ର ପିଆଜକୁ ନେଇ ଚାହିଦା ବୃଦ୍ଧି ପାଇଛି। ଉଦ୍ୟାନ କୃଷି ଉତ୍ପାଦ ରପ୍ତାନି ସଂଘର ସଭାପତି ଅଜିତ ଶାହ କହିଛନ୍ତି ଯେ ପିଆଜ ଦର ବଢ଼ିବାର ଏକ ପ୍ରମୁଖ କାରଣ ହେଉଛି ଚାଷୀ ଓ ବ୍ୟବସାୟୀମାନେ ଷ୍ଟକ୍ ମହଜୁଦ ରଖିଛନ୍ତି। କେନ୍ଦ୍ର ସରକାର ରପ୍ତାନି କଟକଣା କୋହଳ କରିବେ ବୋଲି ସେମାନେ ଆଶା କରୁଛନ୍ତି। ପ୍ରବଳ ଗରମ, ଅଦିନିଆ ବର୍ଷା ଯୋଗୁ ଯୋଗାଣ ପ୍ରଭାବିତ ହୋଇଥିବାରୁ ଗତ ସପ୍ତାହରେ ଟମାଟୋ, ପିଆଜ ଓ ଆଳୁ ଦାମରେ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ସେ ଚାହିଁଥିଲେ ନିଜର ସମସ୍ତ କର୍ମକର୍ତ୍ତାଙ୍କୁ ହରିନାମ ସଂକୀର୍ତ୍ତନରେ ନିୟୋଜିତ କରିପାରିଥାନ୍ତେ। କିନ୍ତୁ ସେଥିରେ ସାମରିକ ଶକ୍ତିକୁ ନିୟୋଜିତ ନ କରାଇବାର ଉଦ୍ଦେଶ୍ୟହେଲା ହରିନାମ ସ୍ମରଣ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଅଧିକାର କିନ୍ତୁ କର୍ତ୍ତବ୍ୟ ପରିତ୍ୟାଗ କରିନୁହେଁ। ସେ ଭଲଭାବେ ବୁଝିଥିଲେ କର୍ତ୍ତବ୍ୟକୁ ପରିତ୍ୟାଗ କରି ହରିନାମ ସ୍ମରଣରେ ମଣିଷକୁ ଯଥାର୍ଥ ସିଦ୍ଧିଲାଭ ମିଳିପାରେ ନାହିଁ। ଶାସ୍ତ୍ରର ବାସ୍ତବ ମର୍ମାର୍ଥକୁ କପିଳେନ୍ଦ୍ର ଦେବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବେ ବୁଝିପାରିଥିଲେ। ତେଣୁ ଆର୍ଯ୍ୟାବର୍ତ୍ତର ଜଣେ ଅଦ୍ୱିତୀୟ ଯୋଦ୍ଧା ହୋଇସୁଦ୍ଧା ତାଙ୍କ ସାରସ୍ୱତ ସାଧନାରୁ ବିରତ ହୋଇନଥିଲେ। ତାଙ୍କ ସମୟରେ ଉତ୍କଳରାଜ୍ୟରେ ବହୁ କାଳଜୟୀ ସାରସ୍ୱତ ସାଧକ ତାଙ୍କର ଭକ୍ତି ରସାତ୍ମକ ଅକ୍ଷୟ କୀର୍ତ୍ତି ପ୍ରତିଷ୍ଠା କରାଯାଇଛନ୍ତି। ସେ ନିଜେ ମଧ୍ୟ ସଂସ୍କୃତ ଭାଷାରେ ‘ପର୍ଶୁରାମ ବିଜୟ’ ନାମକ କାବ୍ୟ ରଚନା କରି ଚିରକାଳ ସ୍ମରଣୀୟ ହୋଇ ରହିଛନ୍ତି। ପ୍ରତାପରୁଦ୍ରଙ୍କ ସମୟରେ ଯେଉଁ ଭକ୍ତି ଆନ୍ଦୋଳନ ତାଙ୍କ ଜୀବନକୁ ପ୍ରଭାବିତ କରିଥିଲା ବୋଲି କୁହାଯାଉଛି ତାହାଥିଲା ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱ- ଅର୍ଥାତ୍ ମଣିଷ ଜୀବନ ହେଉଛି ଅଳିକ, ଏ ସଂସାର କେବଳ ମାୟାର ଖେଳଘର। ପାର୍ଥିବ ସକଳ ବିଷୟ ବସ୍ତୁ ହେଉଛି ମିଥ୍ୟା, ଯାହା ଅଦୃଶ୍ୟ ତାହା ହିଁ ହେଉଛି ସତ୍ୟ। ଏହି ନିଷ୍କର୍ଷ ମଧ୍ୟ ଅର୍ଦ୍ଧ ସତ୍ୟ। ଏହି ସତ୍ୟର ଆଲୋକିତ ଦିଗ ହେଉଛି ମଧ୍ୟ ବାସ୍ତବ। ଉପରୋକ୍ତ ବୈରାଗ୍ୟ ଭାବାପନ୍ନ ମାନସିକତା ପରିପୂର୍ଣ୍ଣ ପ୍ରଚାରରେ ସମାଜ ଯେତେବେଳେ ଆକ୍ରାନ୍ତ ସେତେବେଳେ ଏଥିରୁ ନିସ୍ତାର ପାଇବେ କେମିତି ରାଜା ପ୍ରତାପରୁଦ୍ର? ରାଜା ହେଲେ ବି ସେ ପ୍ରଥମେ ମଣିଷ। ଏସମାଜକୁ ଛାଡି ରହି ପାରିବେ ନାହିଁ। ତେଣୁ କାଳର ମହାସ୍ରୋତରେ ସମସ୍ତେ ପ୍ରବାହିତ ହେଉଛନ୍ତି। ସେଥିରେ ଶ୍ରୀ ଚୈତନ୍ୟଙ୍କର ବୈଷ୍ଣବ ଧର୍ମର ପ୍ରଚାର କୌଣସି ଭୁଲ ମାର୍ଗ ପ୍ରଦର୍ଶନ କରୁନଥିଲା। ଶାସ୍ତ୍ରର ଅନ୍ୟଦିଗଟି ସଂପର୍କରେ ତତ୍କାଳିନ ସମାଜ ଭୁଲିଯାଇଥିଲା, ଯେଉଁ ଶ୍ରୀମଦ୍ ଭାଗବତ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି “ହେ ଅର୍ଜୁନ ! ତୁମେ ଯୁଦ୍ଧକର, ତୁମର ମୃତ୍ୟୁ ହେଲେ ସ୍ୱର୍ଗଲାଭ କରିବ, ବିଜୟଲାଭ କଲେ ଧନ, ଧାନ୍ୟ ଭରା ରାଜ୍ୟ ଭୋଗ କରିବ, କାହିଁକି ନା ମୁଁ ହେଉଛି ଚତୁଃବର୍ଗ ଫଳଦାୟୀ ଅର୍ଥାତ୍ ଧର୍ମ, ଅର୍ଥ, କାମ, ମୋକ୍ଷ ତୁମେ ଲାଭ କର। ଯିଏ ମୋତେ କର୍ମର ଆଲୋଡନ ଭିତରେ ଭକ୍ତି କରିଥାଏ ସେହିଁ ମୋତେ ପ୍ରାପ୍ତ ହୁଏ । ତୁମେ ନପୁଂସକତା ପ୍ରାପ୍ତ ହୁଅ ନାହିଁ, ତୁମେ ଯୁଦ୍ଧ କର। ଏହା ହେଉଛି ଚନ୍ଦ୍ରର ଆଲୋକିତ ପାର୍ଶ୍ୱ, ବୋଧହୁଏ ତତ୍କାଳିନ ଜନତା ଭୁଲିଯାଇଥିଲା ଏହି ସୂକ୍ଷ୍ମ ଚେତନା ବୋଧଟିକୁ। ବାସ୍ତବ ଧର୍ମର ସେହି ଅବକ୍ଷୟକ୍ଷୁ ପ୍ରବାହ ତତ୍କାଳିନ ଜୀବନ ଧାରାରେ ଏକ ବଳିଷ୍ଠ ଚରିତ୍ର ଭାବେ ଦେଖା ଦେଇଥିଲେ। ଗଭୀର ମାନସିକ ସଂଘାତ ହୃଦୟ ବିଦାରକ ଅନ୍ତର୍ଦାହ ମଧ୍ୟରେ କେବଳ ମହାବାହୁଙ୍କୁ ଶେଷ ସମ୍ବଳ ମନେକରି ତାଙ୍କର ଆଶ୍ରାରେ ଦେହାନ୍ତ ହୋଇଯାଇଥିଲା ପ୍ରତାପରୁଦ୍ରଙ୍କର। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିବା ଦୁଇ ନାବାଳକ ପୁତ୍ର ଦ୍ୱୟଙ୍କୁ ଗୋବିନ୍ଦ ବିଦ୍ୟାଧରଙ୍କୁ ଲାଳନ ପାଳନ କରିବା ପାଇଁ ସମର୍ପଣ କରିଦେଇ ଆଖି ବୁଜିଲେ ରାଜା ପ୍ରତାପରୁଦ୍ର। ସେହି ଗୋବିନ୍ଦ ବିଦ୍ୟାଧର ବିଶ୍ୱାସ ଘାତକତା କରି ରାଜସିଂହାସନ ଲାଳସାରେ ପ୍ରତାପରୁଦ୍ରଙ୍କର ଶେଷ ସମ୍ବଳ ସେହି ଦୁଇ ପୁତ୍ରଙ୍କୁ ହତ୍ୟା କରିଦେଇଥିଲେ। ଅବଶ୍ୟ ଗୋବିନ୍ଦ ବିଦ୍ୟାଧର କିଛିଦିନ ଶାସନ କରିଥିଲେ। କିନ୍ତୁ ତାଙ୍କ ଶାସନରେ ପତନଘଟାଇ ତତ୍କାଳିନ କଟକର ଶାସନକର୍ତ୍ତା ମୁକୁନ୍ଦଦେବ ରାଜ ସିଂହାସନ ଅଳଙ୍କୃତ କଲେ। ମୁକୁନ୍ଦଦେବଙ୍କ ବେଳକୁ ରାଜ୍ୟ ଏପରି ଏକ ବିଚିତ୍ର ସ୍ଥିତି ମଧ୍ୟଦେଇ ଗତିକରୁଥିଲା ଯେଉଁଠିକି ଅର୍ଥନୈତିକ ଅବସ୍ଥା ଠାରୁ ଆରମ୍ଭ କରି ରାଜନୈତିକ ଅବସ୍ଥା ଚକ୍ର ପର୍ଯ୍ୟନ୍ତ ସବୁଠାରେ ଖାଲି ବିପର୍ଯ୍ୟୟର ଅସୁମାରି ନୀରବତା। ରାଜ୍ୟର ସୀମାରେଖା ଅତ୍ୟନ୍ତ ସଙ୍କୁଚିତ। ଏହିପରି ଚତୁର୍ଦ୍ଦିଗ ବିଶୃଙ୍ଖଳା, ବିପର୍ଯ୍ୟସ୍ତ, ପ୍ରଜାମାନଙ୍କ ମଧ୍ୟରେ ଶାସନପ୍ରତି ଘୃଣିତ ମାନସିକତାକୁ ଲକ୍ଷ୍ୟକରି ତତ୍କାଳିତ ବଙ୍ଗରେ ଶାସନ କରୁଥିବା ଶାସକ ସୁଲେମାନ୍ କର୍ରାଣୀଙ୍କ ଦୃଷ୍ଟିକୁ କ୍ରମାଗତଭାବେ ଆସିବାରେ ଲାଗିଲ।। ସୁଲେମାନ କର୍ରାଣୀ ହେଉଛନ୍ତି ଜଣେ ପରାକ୍ରମଶାଳୀ ଯୋଦ୍ଧା। ସୁଲେମାନ୍ କର୍ରାଣୀ ଅତିସନ୍ତର୍ପଣରେ ଉତ୍କଳର ଏହି ବିପର୍ଯ୍ୟସ୍ତ ଅବସ୍ଥାକୁ ଦେଖି ତାଙ୍କର ଜଣେ ଦୁଃସାହସୀ ଓ ପରାକ୍ରମଶାଳୀ ସେନାପତି କଳାପହାଡକୁ ଉତ୍କଳ ଆକ୍ରମଣ ପାଇଁ ପଠାଇଥିଲେ।

ଏହି ଆକ୍ରମଣ ସମଗ୍ର ଓଡିଆ ଜାତି ପାଇଁ ଯେତିକି ଭୟାବହଥିଲା ତାହାଠାରୁ ସମସ୍ତ ଗୁଣରେ ହୃଦୟ ବିଦାରକ ଘଟଣା ଓ ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ମହାବାହୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଶକ୍ତିଶାଳୀ ଆଘାତ, ଯାହାକୁ ସଂସାରରେ ଚନ୍ଦ୍ର ସୂର୍ଯ୍ୟ ଆତଯାତ ହେଉଥିବା ପର୍ଯ୍ୟନ୍ତ ଏ ଓଡ଼ିଆ ଜାତି ଭୁଲିପାରିବନି। ସମୟ ଥିଲା ୧୫୬୮ ମସିହା, ଗୋହିରାଟିକିରି ଠାରେ କଳାପାହାଡ ମୁକୁନ୍ଦ ଦେବଙ୍କୁ ଯୁଦ୍ଧରେ ପରାସ୍ତ କରି ଅତ୍ୟନ୍ତ ଅମାନୁଷିକ ତଥା ବିଭତ୍ସ ଢଙ୍ଗରେ ହତ୍ୟା କଲା। ବିଶ୍ୱାସଘାତ, ଇର୍ଷା, ହିଂସା, ଷଡଯନ୍ତ୍ରର ଅଗ୍ନି ବର୍ଷାରେ ନିହତ ହେଲେ ମୁକୁନ୍ଦଦେବ, ଗୋଟିଏ କ୍ଳାନ୍ତ ପଦାତିକ ପରି ମୁକୁନ୍ଦ ଦେବଙ୍କ କ୍ଷତାକ୍ତ ଶରୀର ଗୋହିରା ଟିକିରିର ବନ୍ଧୁର ଶଯ୍ୟା ଉପରେ ଚିତ୍କାର କରି ଲୋଟିପଡିଲା। (କ୍ରମଶଃ)

# ଓଡ଼ିଆ ବର୍ଣ୍ଣବିଚାର (୨)

ଭାଷା କଥା



ଡଃ. ଦେବାଶିଷ ମହାପାତ୍ର
ବିଜୟ ଭବନ, ୧୫୮୮,
କେଉଟସାହି ଛକ,
ଭୁବନେଶ୍ୱର-୭୫୧୦୦୨
ମୋ-୮୭୬୩୫୦୪୪୩୫

ଲିପି, ଅକ୍ଷର, ବର୍ଣ୍ଣ ଭଳି ଶବ୍ଦ ଭାଷାର ସମ୍ପଦ। ଶବ୍ଦ ଭାଷାର ଗୌରବ। ଶବ୍ଦ ଭାଷାର ସୌରଭ। ଶବ୍ଦକୁ ନେଇ ଭାଷାର ବୈଶିଷ୍ଟ୍ୟ। ବ୍ୟାକରଣରେ ଶବ୍ଦର ଗୁରୁତ୍ୱ ଅର୍ଥ ଧ୍ୱନି ବା ଅକ୍ଷର ସମଷ୍ଟି ଯାହାକି ଅର୍ଥବୋଧକ। ଶବ୍ଦ ହେଉଛି ଭାଷାର ସର୍ବନିମ୍ନ ଅର୍ଥବୋଧକ ଏକକ। ଶବ୍ଦରୁ ଅର୍ଥକୁ ଅଲଗା କରାଯାଇପାରିବ ନାହିଁ। କୁହାଯାଏ ଶବ୍ଦ ବିନା ଅର୍ଥ ନାହିଁ, ଅର୍ଥ ବିନା ଶବ୍ଦ ନାହିଁ। ପ୍ରତ୍ୟେକ ଭାଷା ଭଳି ଓଡ଼ିଆ ଭାଷାରେ ବି ଶବ୍ଦର ବୈଶିଷ୍ଟ୍ୟ, ଶବ୍ଦର ଗୁରୁତ୍ୱ, ଶବ୍ଦର ଉପଯୋଗିତା, ଶବ୍ଦର ମହତ୍ତ୍ୱ, ଶବ୍ଦର ମହକକୁ ଆମେ ଉପଲବ୍ଧି କରୁ। ଆମେ ଆମ ଭାଷାର ଇତିହାସକୁ ଦେଖିଲେ ଦେଖିବା, ତିନୋଟି ଅନନ୍ୟ ଅବଦାନ ଆମ ଭାଷାର ଅବିସ୍ମରଣୀୟ ଘଟଣା। ଗୋଟିଏ ହେଉଛି ବର୍ଣ୍ଣବୋଧ, ଅନ୍ୟଟି ଭାଷାକୋଷ ଓ ତୃତୀୟଟି ହେଉଛି ଜ୍ଞାନମଣ୍ଡଳ। ଗୋଟିଏ ଲିପିର, ଗୋଟିଏ ଶବ୍ଦର ଓ ଗୋଟିଏ ଜ୍ଞାନର ସ୍ୱାକ୍ଷର। ଏହି ତିନୋଟି ଦିଗନ୍ତର ତିନିଜଣ ପ୍ରାତଃସ୍ମରଣୀୟ ଓଡ଼ିଆପ୍ରାଣ ଭକ୍ତକବି ମଧୁସୂଦନ ରାଓ, ଗୋପାଳଚନ୍ଦ୍ର ପ୍ରହରାଜ ଓ ବିନୋଦ କାନୁନ୍‌ଗୋ। ଭକ୍ତକବି ମଧୁସୂଦନ ରାଓଙ୍କ ‘ବର୍ଣ୍ଣବୋଧ’ ଆମ ଭାଷାର ମୂଳଦୁଆ, ଗୋପାଳଚନ୍ଦ୍ର ପ୍ରହରାଜଙ୍କ ‘ପୂର୍ଣ୍ଣଚନ୍ଦ୍ର ଭାଷାକୋଷ’ ଆମ ଭାଷାର ମେରୁଦଣ୍ଡ ଓ ବିନୋଦ କାନୁନ୍‌ଗୋଙ୍କ ‘ଜ୍ଞାନମଣ୍ଡଳ’ ଆମ ଓଡ଼ିଆ ଜାତିର ମାନଦଣ୍ଡ ସଦୃଶ। ଶବ୍ଦ ହେଉଛି ଭାଷାର ଗୋଟିଏ ଅର୍ଥ ପ୍ରକାଶଧର୍ମୀ ଏକକ। ନିର୍ଦ୍ଦିଷ୍ଟ ଅର୍ଥକୁ ପ୍ରକାଶ କରିବା ପାଇଁ ଶବ୍ଦର ଗୋଟିଏ ଶକ୍ତି ଅଛି ଯାହାକୁ ଏହି ସୂତ୍ରଗୁଡ଼ିକର ଅଧିନ ବିଭିନ୍ନ ଶବ୍ଦଗୁଡ଼ିକରେ ସଙ୍କଳନ। ଅଭିଧାନରେ ଶବ୍ଦର ଉଚ୍ଚାରଣଗତ ସୂଚନା, ଶବ୍ଦମାନଙ୍କ ଗଠନରେ ରୂପକକ୍ରମ ବା ଧାତୁପ୍ରତ୍ୟୟ ବିଷୟ ସୂଚନା, ପ୍ରତ୍ୟେକ ଶବ୍ଦ ବ୍ୟାକରଣର କେଉଁ ଶ୍ରେଣୀଭୁକ୍ତ ସେସବୁ ବିଷୟରେ ସୂଚନା ଥାଏ। ଶବ୍ଦର ରୂପକକ୍ରମରୁ ଶବ୍ଦ ଗଠନ ଭଙ୍ଗୀ ସ୍ପଷ୍ଟ ହେବା ସହ ଗଠନ ଭଙ୍ଗୀରୁ ମୌଳିକ ଅର୍ଥପୂର୍ଣ୍ଣ ଏକକ ବା ରୂପକମାନଙ୍କର ବ୍ୟବହାର ଓ ସଂଯୋଜନା ବିଷୟରେ ସୂଚନା ମିଳେ। କୁହାଯାଏ ଓଡ଼ିଆ ପ୍ରତିଶବ୍ଦକୁ ଚୋବେଇ ଚୋବେଇ କହନ୍ତି। ଏହାକୁ ଲକ୍ଷ୍ୟରଖି ପ୍ରସିଦ୍ଧ ବିଦେଶୀ ବିଦ୍ୱାନ୍ ସାର୍ ଜର୍ଜ ଗ୍ରୀୟରସନ ‘Linguistic Survey of India’ ର ପଞ୍ଚମଖଣ୍ଡ, ଦ୍ୱିତୀୟ ଭାଗରେ ଯଥାର୍ଥରେ କହନ୍ତି- ‘ଓଡ଼ିଆରେ ପ୍ରତ୍ୟେକ ଶବ୍ଦର ପ୍ରତ୍ୟେକ ଅକ୍ଷର ସ୍ପଷ୍ଟ ଉଚ୍ଚାରିତ ହୁଏ।’ ଭାଷା ବ୍ୟବହାରରେ କାବ୍ୟିକ ଓ କଥିତ ଏହି ଦୁଇ ପର୍ଯ୍ୟାୟରେ ବିଭେଦ ସୃଷ୍ଟି ହେବାର ମୂଳ କାରଣ ହେଲା କାବ୍ୟରେ ଶବ୍ଦ ବିନ୍ୟାସ ଓ ବାକ୍ୟଗଠନ ମୂଳରେ ଦୁଇଟି ପ୍ରବୃତ୍ତି କାର୍ଯ୍ୟକରେ। ପ୍ରଥମଟି ହେଉଛି, ଛନ୍ଦର ଅଙ୍ଗ ନିର୍ମାଣ ପାଇଁ ଆବଶ୍ୟକ ଅକ୍ଷରଯୁକ୍ତ ଶବ୍ଦ ପ୍ରୟୋଗ ପ୍ରତି ଏବଂ ଦ୍ୱିତୀୟଟି ହେଉଛି, ଭାଷାର ଶିଷ୍ଟତା ଓ ସୌନ୍ଦର୍ଯ୍ୟ ଅଭିବୃଦ୍ଧି ପାଇଁ କ୍ଲିଷ୍ଟ ଓ ଉତ୍କୃଷ୍ଟ ଶବ୍ଦ ପ୍ରୟୋଗ ପ୍ରତି ସଚେତନତା। ଶବ୍ଦ ସହିତ ଶବ୍ଦ ବା ପ୍ରତ୍ୟୟର ସନ୍ଧି ସଂଶ୍ଳେଷଣ କାବ୍ୟ ଭାଷାରେ ଯେପରି ସିଦ୍ଧ, କଥିତ ଭାଷାରେ ସେପରି ଦୁର୍ଲଭ। ଭାଷାର କାବ୍ୟିକ ସ୍ୱରୂପ କେବଳ ଶବ୍ଦର ନିର୍ମାଣ ବା ନିର୍ବାଚନରେ ରୂପାୟିତ ହୁଏ ନାହିଁ। ଶବ୍ଦର ବିନ୍ୟାସ ଦ୍ୱାରା ତାହା ଅଧିକ ପରିସ୍ଫୁଟ ହୁଏ। କୁହାଯାଏ ଯେ, “Word is the unit of oral communication, a series of words make a sentence, and that communicates an idea, a thought” ଓଡ଼ିଆ ସାହିତ୍ୟର ଇତିହାସକୁ ଲକ୍ଷ୍ୟ କଲେ ଆମେ ସ୍ପଷ୍ଟଭାବେ ଦେଖୁ ଯେ, ଆଦିକବି ସାରଳାଦାସ, ଭକ୍ତକବି ଜଗନ୍ନାଥ ଦାସଙ୍କ ଠାରୁ ଆରମ୍ଭ କରି ବ୍ୟାସକବି ଫକୀରମୋହନ ସେନାପତି ଏବଂ ପରବର୍ତ୍ତୀ ପର୍ଯ୍ୟାୟର ଲେଖକ ଲେଖିକାଗଣ ନିଜ ନିଜ ରଚନାରେ ଯଥା ସମ୍ଭବ ଆମ ମାଟିର ଶବ୍ଦ ପ୍ରୟୋଗ କରିଛନ୍ତି। ଆଦିକବି ସାରଳାଦାସଙ୍କ ‘ମହାଭାରତ’, ଜଗନ୍ନାଥ ଦାସଙ୍କ ‘ଭାଗବତ’, ବଳରାମ ଦାସଙ୍କ ‘ଲକ୍ଷ୍ମୀପୁରାଣ’, ଫକୀରମୋହନ ସେନାପତିଙ୍କ ‘ରେବତୀ’ ସମେତ ବହୁ କାଳଜୟୀ ରଚନାରେ ଆମେ ଓଡ଼ିଆ ଶବ୍ଦର ବହୁଳ ବ୍ୟବହାର ଦେଖୁ। ଓଡ଼ିଆ ଶବ୍ଦ କହିଲେ ଆମେ ଖାଣ୍ଟି ନିଛକ ଦେଶଜ ଶବ୍ଦ ବୋଲି ବୁଝିବା। ଆମ ମାଦଳାପାଞ୍ଜିରେ ହଜୁର, ହଜିର, ମୂଲକ, ତରଫ,ସଜା ଆଦି ଅନେକ ଯାବନିକ ଶବ୍ଦର ବ୍ୟବହାର ହେଉ ଅଥବା ବ୍ୟାସକବି ଫକୀରମୋହନ ‘ଛ’ମାଣ ଆଣ୍ଠଗୁଣ୍ଠ’ରେ ବ୍ୟବହାରକରିଥିବା ଯାବନିକ ଶବ୍ଦ ସବୁ ‘ଛୋଟୋମିଆଁ ଓରଫ୍ ସେଖ୍ ଦିଲ୍‌ଦାର ବର୍ତ୍ତମାନ ଖୋଦ୍ ମାଲିକ। ରାତି ଅନ୍ଦାଜ ଘଡ଼ିକ ଭିତରେ ଜମିଦାର ସେଖ୍ ଦିଲ୍‌ଦାର ମିଆଁ କଚେରୀ ଘରେ ବସିଅଛନ୍ତି। ‘ଘରଟା କୋଠା’ ଆଦି ଉଦାହରଣରୁ ଆମେ କହିପାରିବା ଯେ ଆମେ ଲେଖାଲେଖି ବେଳେ ସରଳ, ଲୋକମୁଖର ଶବ୍ଦାବଳୀ ସହ ଆବଶ୍ୟକସ୍ଥଳେ ସଂସ୍କୃତ ସମେତ ଯାବନିକ, ବୈଦେଶିକ ଶବ୍ଦର ବ୍ୟବହାର କରିଆସିଛେ। ତା’ଛଡ଼ା ଆମେ ମାନକ ଓଡ଼ିଆ ଭାଷା ବା ଶବ୍ଦର ବ୍ୟବହାର ବେଳେ ଅନେକ ସମୟରେ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଶବ୍ଦାବଳୀକୁ ବ୍ୟବହାର କରିଛେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

‘ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।’



ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ପାଶେ ଶାନ୍ତି ଦେଲ
ଦୟା ପାଶେ କ୍ଷମା ଦେଲ
ନାମ ଥୋଇ ଅନାମକୁ
ଗୁପତ କରିଲ
ହେ ପ୍ରଭୁ ଜଗତନାଥ
ମୁଁ
କୁହାର କୁହ (୫)

ସବୁ ଦେଇ ଶୂନ୍ୟ କଲ
ଶୂନ୍ୟ ବ୍ରହ୍ମ ବୋଲାଇଲ
ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ
ଅଭିକି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ
କାହାର କୁହ (୬)

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ମିଛ ମାୟା ସଂସାର



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ମୋ-୯୭୭୮୭୬୪୩୯୪
tripathysk1947@gmail.com

ବର୍ତ୍ତମାନ ଆମ ରାଜ୍ୟ ଓଡ଼ିଶାରେ ଆଳୁ ଦର କାହିଁରେ କ’ଣ ! ନିଜ ପାଖରେ ଆଳୁ ନଥିବାରୁ ଆମ ରାଜ୍ୟର ବେପାରୀମାନେ ଏ ରାଜ୍ୟରୁ ସେ ରାଜ୍ୟକୁ ଧାଉଁଛନ୍ତି ଏବଂ ଆଳୁ ଯୋଗାଡ଼ କରି ଏ ଜାଗା ସେ ଜାଗାରେ ନେଇ ରଖୁଛନ୍ତି । ଆଉ ‘ବାଣିଜ୍ୟେ ବସତି ଲକ୍ଷ୍ମୀ’ ନ୍ୟାୟରେ କିଛି ମୁନାଫାଖୋର ବେପାରୀ ଅସାଧୁ ଉପାୟରେ ଟଙ୍କା ରୋଜଗାର କରିବାରେ ବ୍ୟସ୍ତ । ଏଥିପାଇଁ ଅନେକ ଲୋକ ଆମର ନୈତିକ ଶିକ୍ଷା ବ୍ୟବସ୍ଥାକୁ ଦୋଷ ଦେଉଛନ୍ତି ।

ଏବେ ଆମେ ଶିକ୍ଷା ବ୍ୟବସ୍ଥା କଥା ବିଚାର କରିବା । ଆମ ଗାଁ କହ୍ନେଇଁ ସାର୍, ବୟସ ପଞ୍ଚସ୍ତରୀରୁ ଅଧିକ । ଭଗବାନଙ୍କ ଆଶୀର୍ବାଦ ତଥା ନିଜସ୍ୱ ଉଦ୍ୟମରୁ ତାଙ୍କ ଶରୀର ଓ ମନ ସୁସ୍ଥ ଅଛି ବୋଲି ସିଏ ଆଖପାଖ ଅଞ୍ଚଳରେ ଡିଣ୍ଡିମ ପିଟନ୍ତି । ଏ ବୟସରେ ଦିନକୁ ଦୁଇବେଳା ପ୍ରାୟ ୫୦-୬୦ ଜଣଙ୍କୁ ବିଭିନ୍ନ ଗ୍ରୁପରେ ବସାଇ ଟିଉସନ୍ କରିବାରେ ବ୍ୟସ୍ତ । ପଚାରିଲେ କୁହନ୍ତି ପିଲାମାନେ ଆଉ ତାଙ୍କ ବାପା ମା’ ମାନେ ମୋତେ କ’ଣ ଛାଡୁଛନ୍ତି ? କଣନା ‘ଆପଣଙ୍କ ପାଖରେ ବସିଗଲେ ପାଠ ଆପେଆପେ ହୋଇଯିବ’ । ମୁଁ କହିଲି ସାର୍ ଆପଣ କ’ଣ ବାସ୍ତବରେ ସେମାନଙ୍କୁ ଛାଡ଼ିବାକୁ ଚାହୁଁଛନ୍ତି ? ସେମାନେ ଆପଣଙ୍କୁ ଛାଡ଼ି ପାରୁ ନାହାନ୍ତି ନା ଆପଣ ସେମାନଙ୍କୁ ଛାଡ଼ି ପାରୁ ନାହାଁନ୍ତି । କଥାକୁ ଆଉ ଆଗକୁ ବଢ଼ାଇବାକୁ ନଦେଇ ସାର୍ କହିଲେ କ’ଣ କରିବି, ପିଲା ଆଉ ପାଠପଢ଼ାକୁ ନେଇ ମୋର ୩୫ ବର୍ଷର ଚାକିରୀର ମାୟାକୁ ଛାଡ଼ିବା କ’ଣ ସହଜ କଥା ? ଲୋକମାନେ ମଧ୍ୟ କୁହନ୍ତି ସାରଙ୍କର ପାଠ ପଢ଼ାଇବା କେବଳ ପେଷା ନଥିଲା ବରଂ ନିଶା ଥିଲା । ଆଉ ସେଇ ନିଶା ଯୋଗୁଁ ଭୋର ୪ଟା ବେଳୁ ରାତି ୧୧ଟା ପର୍ଯ୍ୟନ୍ତ ସମୟ ଅଣ୍ଟେ ନାହିଁ । ଏହା କେବଳ ଜଣେ ଶିକ୍ଷକଙ୍କର କାହାଣୀ ନୁହେଁ ବରଂ ଅନେକ ଶିକ୍ଷକ ନିଜ ପିଲା, ପରିବାର କଥା ବନ୍ଧୁ ବାନ୍ଧବ ତୁଚ୍ଛ କରି ପଇସା ରୋଜଗାରରେ ବ୍ୟସ୍ତ । ଏଠାରେ ଏହା ଏକ ଗର୍ହିତ ଅପରାଧ ପ୍ରସଙ୍ଗ ହିସାବରେ ଆଲୋଚନାର ପ୍ରସଙ୍ଗ ନୁହେଁ ବରଂ କିପରିଭାବେ ପାଠ ପଢ଼ାଇବାର ମାୟା କିପରି ଟଙ୍କା ରୋଜଗାର କରିବାର ମୋହକୁ ରୂପାନ୍ତରିତ ହୁଏ ତାହାର ଏକ ଜ୍ୱଳନ୍ତ ଉଦାହରଣ । ଡାକ୍ତର ମାନଙ୍କର ମଧ୍ୟ ତଦୃପ ଅବସ୍ଥା ମେଡ଼ିକାଲ ଠାରୁ କ୍ଲିନିକ୍ ପୁଣି ସେଠାରୁ ଘର ସବୁଠି ରୋଗୀ ମାନଙ୍କର ଲାଇନ୍ । ଥରେ ଜଣେ ରୋଗୀ ଡାକ୍ତରଙ୍କୁ ଦ୍ୱିତୀୟ ଥର ଦେଖାଇବା ସମୟରେ ତାଙ୍କର ଫିସ୍ କମ୍ କରିବାକୁ କହିବାରୁ ସିଏ କହିଲେ, ତମର ବାସୁମତୀ ଚାଉଳ ଖାଇବାକୁ ମନ, କିନ୍ତୁ ତାହା କ’ଣ ସରକାରୀ କଣ୍ଟ୍ରୋଲ ଦୋକାନ ମାନଙ୍କରେ ରେସନ କାର୍ଡ଼ରେ ମିଳିବ? ଅଜ୍ଞାନ ରୂପକ ଅନ୍ଧକାରରେ ଆଲୋକର ପ୍ରଦୀପ ଜାଳିବାରେ ଶିକ୍ଷକ ମାନଙ୍କର ପ୍ରମୁଖ ଭୂମିକା ଥାଏ ଯେଉଁଥିପାଇଁ ସେମାନଙ୍କୁ ଆମେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସ୍ୱରୁପରେ ପୂଜା କରିଥାଉ । ଡାକ୍ତର ମାନେ ହେଉଛନ୍ତି ଦ୍ୱିତୀୟ ଭଗବାନ ଯେଉଁମାନଙ୍କ ଯୋଗୁଁ ଆମେ ମୃତ୍ୟୁ ମୁଖରୁ ରକ୍ଷା ପାଇବା ସହିତ ଆମକୁ ଜୀବନ ଦାନ ମିଳିଥାଏ । ତାଙ୍କର ପଦେ ଆଶ୍ୱାସନା ବାଣୀରେ ଅଧା ରୋଗ ଦୂର ହୋଇଯାଏ କିନ୍ତୁ ସାଧାରଣ ଭାବେ କିଛି ଡାକ୍ତରଙ୍କ ବେପରୱା ତଥା ଅମାନବୀୟ ଆଚରଣ ଯୋଗୁଁ ସେମାନଙ୍କୁ ନିନ୍ଦିତ ହେବାକୁ ପଡ଼ିଥାଏ ।

ଅନ୍ୟପକ୍ଷରେ ଯଦି ଜଣେ ଶିକ୍ଷକ ବିନା ପଇସାରେ ପାଠ ପଢ଼ାନ୍ତି କିମ୍ବା ଜଣେ ଡାକ୍ତର ଯଦି ବିନା ଫିସ୍‌ରେ ରୋଗୀ ମାନଙ୍କର ଚିକିତ୍ସା କରନ୍ତି ସେମାନଙ୍କର ସମ୍ମାନହାନୀ ହେବା ସହିତ ଆଶାତୀତ ଭିଡ଼ ହେବାର ଭୟ ଥାଏ । ବେଳେବେଳେ ଏହା ଆଇନ ଶୃଙ୍ଖଳା ଭଙ୍ଗ ଭଳି ସମସ୍ୟା ସୃଷ୍ଟି କରିବା ଆଶଙ୍କା ସୃଷ୍ଟି କରିଥାଏ । ତେଣୁ ଟଙ୍କା ରୋଜଗାର କରିବା ସହିତ ଲୋକମାନଙ୍କୁ ସେମାନେ ତଥା ସରକାର ସୁଲଭ ମୂଲ୍ୟରେ ସେବା ଯୋଗାଇବା ସର୍ବାଦୌ ବାଞ୍ଛନୀୟ । ଏ ଯୁଗର ବିଶ୍ୱକର୍ମା ବୋଲାଉଥିବା ଯନ୍ତ୍ରୀମାନେ ନିଜର କଳା ନୈପୁଣ୍ୟ ତଥା କାରିଗରୀ କୌଶଳର କରାମତିରେ ନଭଶ୍ଚୁମ୍ବୀ ପ୍ରାସାଦ ଠାରୁ ବନ୍ଧବାଡ଼, ରାସ୍ତାଘାଟ ଆଦି ନିର୍ମାଣ କରିବା ସମୟରେ ଅର୍ଥ ପ୍ରତି ଥିବା ଅହେତୁକ ମୋହ ହେତୁ ଜନସେବାକୁ ତୁଚ୍ଛ କରିଦିଅନ୍ତି ଯାହା ଫଳରେ କେଉଁଠି ପୋଲ ଭୁଷୁଡ଼ି ପଡ଼ିଲାଣି ତ ଆଉ କେଉଁଠି ରାସ୍ତା ମାନଙ୍କରେ ବିରାଟ ଗର୍ତ୍ତ । ଏହାକୁ ଦେଖି ଲୋକମାନେ କଥା ହୁଅନ୍ତି ଯନ୍ତ୍ରୀ, ମନ୍ତ୍ରୀ, ତନ୍ତ୍ରୀ ଯେଉଁଠି ମିଳିତ ହୋଇ ଯାଆନ୍ତି ସେଠାରେ ଜୀବନ ତନ୍ତ୍ରୀ କଥା କିଏ ପଚାରେ। ସେମାନେ ଭାବନ୍ତି, ବିଲେଇ ପିଲା ପରି ସେମାନେ ଲୁଚି ଲୁଚି କ୍ଷୀର ପିଉଛନ୍ତି ଆଉ ସେମାନଙ୍କୁ କେହି ଦେଖିପାରୁ ନାହାଁନ୍ତି । ତା ନ ହୋଇଥିଲେ ଜଣେ ଲୋକର ଶତାଧିକ ପ୍ଲଟ କିଣିବାର ମୋହ ଆଗରେ ଲୋକମାନଙ୍କର ଜୀବନ ହାନୀ ଗୌଣ ବୋଲି ବିଚାର କରିବାକୁ ପଡ଼ନ୍ତା ନାହିଁ ।

ଏସବୁ ପ୍ରସଙ୍ଗ ଆଲୋଚନା ସମୟରେ ଦୁଇ ଜଣଙ୍କ କଥା ମନକୁ ଆସେ, ଜଣେ ହେଲା ମାଙ୍କଡ଼ ଛୁଆ ଆଉ ଜଣେ ହେଲା ବିଲେଇ ଛୁଆ । ମାଙ୍କଡ଼ ଛୁଆଟି ପିଲାବେଳେ ମା’କୁ କୁଣ୍ଢାଇ ଚାଲିଥାଏ, ମା’ ଯୁଆଡ଼େ ବି ଡେଉଁଥାଉ, ବୁଲୁଥାଉ ଛୁଆଟି ତାକୁ କେବେ ଛାଡ଼େ ନାହିଁ । ମା’ ବିଲେଇ ମଧ୍ୟ ତା’ର ପିଲାମାନଙ୍କୁ ସୁରକ୍ଷା ଦେବ ବୋଲି ଦାନ୍ତରେ ସେମାନଙ୍କୁ କାମୁଡ଼ି ଏ ଘରୁ ସେ ଘରକୁ ନେଇଥାଏ । ଉଭୟ କ୍ଷେତ୍ରରେ ପିଲାଙ୍କର ସୁରକ୍ଷା ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ଗୋଟିଏ ସ୍ଥାନରେ ପିଲାଟି ନିଜେ ନିଜର ସୁରକ୍ଷା କଥା ଚିନ୍ତା କରୁଥିବା ବେଳେ ଅନ୍ୟ କ୍ଷେତ୍ରରେ ମା’ ଜଣକ ନିଜ ପିଲାର ସୁରକ୍ଷା ଚିନ୍ତା କରୁଛି । ସେହି ନ୍ୟାୟରେ ଆମମାନଙ୍କ ଜୀବନରେ ରୋଜଗାର କରିବା ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଟଙ୍କା ପଇସାର ମୋହ ଆମକୁ କବଳିତ କରି ରଖିଛି ନା ଆମେ ଟଙ୍କା ପଇସାର ମୋହକୁ କବଳିତ କରି ରଖିଛନ୍ତି ତାହା ବିଚାର କରିବା ଏକ ଦୁରୁହ ବ୍ୟାପାର ।

# ମହାଯୋଗୀ ଶ୍ରୀଅରବିନ୍ଦ

ପ୍ରତିମା ବିଶ୍ୱାଳ
ଜଗତସିଂହପୁର
ମୋ-୯୭୭୬୨୯୦୦୮୪

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ଭାରତ ସ୍ୱାଧୀନତା ଲାଭ କରିଥିଲା । ଏହି ସ୍ୱାଧୀନତା ଆମ ଦେଶ ପାଇଁ ଏକ ଗୌରବର କଥା। ଆମପାଇଁ ଏହି ମୌଳିକ ଅଧିକାର ଆଣି ଦେବାପାଇଁ ଯେଉଁ ବୀର ପୁତ୍ର ମାନେ ନିଜର ସମସ୍ତ ଖୁସିକୁ ତ୍ୟାଗ କରି ଇଂରେଜମାନଙ୍କ ଠାରୁ ଅକଥନୀୟ ଅତ୍ୟାଚାର ସହି ନିଜ ଜୀବନକୁ ବାଜି ଲଗେଇ ଥିଲେ ସେମାନଙ୍କ ମଧ୍ୟରୁ ଜଣେ ଦେଶପ୍ରେମୀ ଏବଂ ମହାନ୍ ବିପ୍ଳବୀ ଓ ମାନବ ଜାତିର ପ୍ରଜ୍ଞା ଦୀପ୍ତି ଦିଗ୍ ଦର୍ଶକ ଭାରତୀୟ ନବ ଜାଗରଣର ପ୍ରବକ୍ତା ଥିଲେ ଶ୍ରୀ ଅରବିନ୍ଦ ଘୋଷ।

ଶ୍ରୀ ଅରବିନ୍ଦ ଥିଲେ ତତ୍କାଳୀନ ସମୟରେ ଜଣେ ସମ୍ଭ୍ରାନ୍ତ ବିଲାତ ଫେରନ୍ତା ଡାକ୍ତର କୃଷ୍ଣଧନ ଘୋଷଙ୍କ ସନ୍ତାନ। ପିତା ଚାହୁଁଥିଲେ ଶ୍ରୀ ଅରବିନ୍ଦ ଉଚ୍ଚ ଶିକ୍ଷିତ ହୋଇ ବିଲାତରେ ପାଠପଢି ଜଣେ ବଡ ହାକିମ ହେଉ । ସେଥିପାଇଁ ତାଙ୍କ ପିତା ନିଜ ପିଲାମାନଙ୍କୁ ବଙ୍ଗଳା ଶିକ୍ଷା ନଦେଇ ପାଞ୍ଚ ବର୍ଷ ବୟସରୁ ୧୮୭୭ ମସିହାରେ ଦାର୍ଜିଲିଂରେ ଥିବା ‘ଲରେଟା’ କନଭେଣ୍ଟ ସ୍କୁଲରେ ଏବଂ ପରେ ୧୮୮୪ ମସିହାରେ ଲଣ୍ଡନର ସେଣ୍ଟପଲ୍ସ ସ୍କୁଲରେ ଛାଡ଼ିଦେଲେ। ଇଂଲଣ୍ଡରେ ଶ୍ରୀ ଅରବିନ୍ଦ ତାଙ୍କର ଅସାଧାରଣ ଧିଶକ୍ତି ଦ୍ୱାରା ଅଧ୍ୟୟନ କାଳରେ ଇଂରାଜୀ, ଲାଟିନ, ଗ୍ରୀକ୍, ଫରାସୀ, ରୋମାନ ଜର୍ମାନୀ ଓ ସ୍ପେନିଶ ଭାଷାରେ ଶିକ୍ଷାଲାଭ କରିଥିଲେ। ଭାରତ ବର୍ଷର ମହାନ୍ ଦାର୍ଶନିକ ଡଃ କେ ଏମ୍ ମୁନିସୀ ଭାରତୀୟ ବିଦ୍ୟାଭବନ ଦ୍ୱାରା ପ୍ରକାଶିତ ‘ମହାଯୋଗୀ’ ପୁସ୍ତକରେ କୁହନ୍ତି -‘ଶ୍ରୀ ଅରବିନ୍ଦଙ୍କ ଜୀବନ ଓ ଦର୍ଶନ ଅବା ଧର୍ମୀୟ ଚେତନା ଆଶ୍ଚର୍ଯ୍ୟ ଜନକ ରାଜ ନୈତିକ, ଦାର୍ଶନିକ ପ୍ରତିଭା ବହୁମୁଖୀ ଅଟେ । ଯାହା ଉଚ୍ଚତର ଆଧ୍ୟାତ୍ମିକ ଜଗତ ପର୍ଯ୍ୟନ୍ତ ବ୍ୟାପ୍ତ ତାହା ବ୍ୟକ୍ତ କରିବା ଅସମ୍ଭବ।’ ଭାରତ ତଥା ଏକ ନୂତନ ମାନବ ଜାତିର ଭବିଷ୍ୟତ ପାଇଁ ତାଙ୍କର କାର୍ଯ୍ୟ ନିର୍ଣ୍ଣିତ ହୋଇ ଥିଲା। ଭାରତର ମୁକ୍ତି ସଂଗ୍ରାମ, ସ୍ୱଦେଶୀଙ୍କ ପ୍ରତି ଇଂରେଜ ମାନଙ୍କର ହୀନଭାବ ଅନ୍ୟାୟ ଅତ୍ୟାଚାର ଓ ହୃଦୟ ହୀନତାର ପ୍ରତିବାଦ ଶ୍ରୀ ଅରବିନ୍ଦ କରି ଥିଲେ।

ଶ୍ରୀ ଅରବିନ୍ଦ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖରେ ପଶ୍ଚିମବଙ୍ଗ ରାଜ୍ୟର କଲିକତା (ବର୍ତ୍ତମାନ କୋଲକାତା) ନିକଟବର୍ତ୍ତୀ କୋନ୍ ନଗରରେ ଜନ୍ମ ଗ୍ରହଣ କରିଥିଲେ। ଏହି ଦିନଟିର ତାତ୍ପର୍ଯ୍ୟକୁ ନେଇ ଶ୍ରୀ ଅରବିନ୍ଦ କହିଥିଲେ - ଅଗଷ୍ଟ ୧୫ ମୋର ଜନ୍ମଦିବସ ଏବଂ ସ୍ୱଭାବତଃ ଏହା ମୋ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଏହି ଦିନ ଏପରି ବିପୁଳ ତାତ୍ପର୍ଯ୍ୟ ଅର୍ଜନ କରିଛି । ଏହି ଯୋଗାଯୋଗକୁ ମୁଁ ଏକ ଆକସ୍ମିକ ଘଟଣା ରୂପେ ବର୍ଣ୍ଣନା କରୁନାହିଁ ବରଂ ମୁଁ ମନେ କରେ ଯେଉଁ ଭାଗବତ ଶକ୍ତିଙ୍କ ପରିଚାଳନାରେ ମୋ କର୍ମ ଜୀବନ ଆରମ୍ଭ ହୋଇଥିଲା ଓ ଯାହା ମୋର ପ୍ରତ୍ୟେକ ପଦକ୍ଷେପରେ ପଥ ପ୍ରଦର୍ଶକ ଏହା ଆଜି ତାଙ୍କର ସ୍ୱୀକୃତି ଏବଂ ଅନୁମୋଦନ ଯୋଗୁ ହୋଇଛି ଏବଂ ମୁଁ ଭାବୁଛି ସେହି କାର୍ଯ୍ୟରେ ପୂର୍ଣ୍ଣ ସାଫଲ୍ୟର ସମୟ ସମାଗତ। ଏହି ଦିବସଟିରେ ମୁଁ ସେହି ସବୁ କ୍ରିୟାବଳୀକୁ ଲକ୍ଷ୍ୟ କରୁଛି ଯେଉଁ ଗୁଡ଼ିକୁ ମୁଁ ମୋ ଜୀବଦ୍ଦଶାରେ ପୂର୍ଣ୍ଣ ହେବାର ଆଶା କରିଥିଲି। ଯଦିଓ ସେଗୁଡିକ ସେତେବେଳେ ଦିବ ସ୍ୱପ୍ନ ସଦୃଶ ପ୍ରତୀୟମାନ ହେଉଥିଲା, ଆଜି କିନ୍ତୁ ଲକ୍ଷ୍ୟ କରୁଛି ସେ ସବୁ ସଫଳ ହୋଇଛି ଅଥବା ସଫଳତାର ପଥରେ। ଏହି ସବୁ କ୍ରିୟାଧାରା ମଧ୍ୟରେ ସ୍ୱାଧୀନ ଭାରତ ଏକ ମହାନ୍ ଭୂମିକା ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ଗ୍ରହଣ କରିପାରେ।

ଏ ଗୁଡ଼ିକ ମଧ୍ୟରୁ ମୋର ପ୍ରଥମ ସ୍ୱପ୍ନ ଥିଲା ଏକ ବୈପ୍ଳବିକ ଆନ୍ଦୋଳନ ଯାହା ଦ୍ୱାରା ଏକ ସ୍ୱାଧୀନ ଓ ଅଖଣ୍ଡ ଭାରତ ପ୍ରତିଷ୍ଠା ହେବ। ଆଜି ଭାରତ ସ୍ୱାଧୀନ କିନ୍ତୁ ତାହା ଏପର୍ଯ୍ୟନ୍ତ ମଧ୍ୟ ଅଖଣ୍ଡତା ଲାଭ କରିପାରିନାହିଁ। ବ୍ରିଟିଶ୍ ଶାସନର ଅବ୍ୟବହିତ ପୂର୍ବେ ଭାରତ ଯେପରି ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଶୃଙ୍ଖଳିତ ହୋଇପଡ଼ିଥିଲା, ଏକ ସମୟରେ ମନେ ହେଉଥିଲା ସ୍ୱାଧୀନତା ଦ୍ୱାରା ପୁଣି ସେହି ସ୍ତରକୁ ଭାରତ ଖସି ପଡ଼ିବ। କିନ୍ତୁ ସୌଭାଗ୍ୟର କଥା, ବର୍ତ୍ତମାନ ବୋଧ ହେଉଛି ଏହି ବିପଦକୁ ଦୂର କରାଯାଇ ପାରିବ ଏବଂ ପରିପୂର୍ଣ୍ଣ ଅଖଣ୍ଡତା ପ୍ରତିଷ୍ଠିତ ନ ହୋଇ ପାରିଲେ ମଧ୍ୟ ଏକ ସୁଦୃଢ଼ ନିତି ଯୋଗୁ ଦଳିତ ଜାତିର ସମସ୍ୟା,ବିଭେଦ ଓ ମତଭେଦ ବିନା ସବୁକିଛି ସମାଧାନ ହୋଇ ଯିବାର ସମ୍ଭାବନା ଦେଖା ଦେଇଛି। କିନ୍ତୁ ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ମଧ୍ୟରେ ଥିବା ପୂର୍ବର ସାମ୍ପ୍ରଦାୟିକ ବିଭେଦ ବର୍ତ୍ତମାନ ଅଧିକତର ଦୃଢ଼ ହୋଇ ଦେଶର ଏକ ସ୍ଥାୟୀ ରାଜନୈତିକ ବିଭକ୍ତିକରଣ ରୂପ ନେଉଥିବା ପରି ମନେହୁଏ। ତଥାପି ଆଶା କରଯାଏ ଯେ ଏହାକୁ ଚିରକାଳ ପାଇଁ ଏକ ମୀମାଂସିତ ସ୍ଥାୟୀ ଘଟଣା ରୂପେ ଗ୍ରହଣ କରାଯିବ ନାହିଁ ଅଥବା ଏକ ସାମୟିକ ବ୍ୟବସ୍ଥା ବ୍ୟତୀତ ଏହାକୁ ଅନ୍ୟ ମୂଲ୍ୟ ଦିଆ ଯିବା ଉଚିତ୍ ନୁହେଁ। କାରଣ ଯଦି ଏହା ସ୍ଥାୟୀ ରହେ ତେବେ ଭାରତ ଶୋଚନୀୟ ଭାବରେ ଶକ୍ତିହୀନ ଏପରିକି ପଙ୍ଗୁ ମଧ୍ୟ ହୋଇ ଯାଇ ପାରେ। ସର୍ବଦା ଗୃହ ବିବାଦର ସମ୍ଭାବନା ଏପରିକି କି ବିଦେଶୀ ଆକ୍ରମଣ ଓ ରାଜ୍ୟ ଅଧିକାରର ସମ୍ଭାବନା ମଧ୍ୟ ରହି ପାରେ। ଜାତୀୟ ଦେଶ ମଧ୍ୟରେ ତାର ଆସନ ଦୁର୍ବଳ ହୋଇଯାଇ ପାରେ ଓ ତାହାର ଭବିତବ୍ୟ ବ୍ୟାହତ ଏପରିକି ବ୍ୟର୍ଥ ମଧ୍ୟ ହୋଇଯାଇ ପାରେ । ଏହା ଯେପରି କଦାପି ନ ଘଟେ, ଦେଶ ବିଭାଗ ଯେପରି ଅବଶ୍ୟ ହିଁ ଦୂର ହେବ କେବଳ ଶାନ୍ତି ସହୃଦୟତା ପାଇଁ ନୁହେଁ, ଆହୁରି ମଧ୍ୟ ମିଳିତ କାର୍ଯ୍ୟର ଅଭ୍ୟାସ ଦ୍ୱାରା ଏବଂ ସେହି ଉଦ୍ଦେଶ୍ୟର ଆବଶ୍ୟକ ଉପାୟ ସୃଷ୍ଟି କରିବା ଦ୍ୱାରା। ପରିଶେଷରେ ଏକତା ପ୍ରତିଷ୍ଠିତ ହେବ, ତାହା ଯେ କୌଣସି ରୂପ ନେଉ ନା କାହିଁକି - ନିର୍ଦ୍ଦିଷ୍ଟ ରୂପର ମୂଲ୍ୟ କେବଳ ବ୍ୟବହାରିକ ହେବ; ଏକତା ଅବଶ୍ୟ ପ୍ରତିଷ୍ଠିତ ହେବ। କାରଣ ଭାରତର ଭବିଷ୍ୟତ ମହାନତା ପାଇଁ ଏହା ଅତ୍ୟନ୍ତ ପ୍ରୟୋଜନ ।

ଶ୍ରୀ ଅରବିନ୍ଦ ତମାମ୍ ଜୀବନ କିପରି ମାନବ ଜାତି ଦିବ୍ୟ ମାନବରେ ପରିଣତ ହେବେ ସେଥିପାଇଁ କଠୋର ସାଧନା କରି ଯେଉଁ ମହତର ପ୍ରେରଣାପୂର୍ଣ୍ଣ ଲେଖା ଓ ବାଣୀ ଛାଡ଼ି ଯାଇଛନ୍ତି ଆଜିର ମଣିଷ ମାନେ ସେ ସବୁକୁ ପଢି ଅନୁଧ୍ୟାନ କରି ନିଜର ପଶୁ ଚେତନାକୁ ବଦଳେଇ ପାରିଲେ ରୋଗ, ଜରା, ବ୍ୟାଧି ଯାବତୀୟ ଯନ୍ତ୍ରଣାରୁ ମୁକ୍ତ ହୋଇ ଏକ ଦିବ୍ୟ ଆନନ୍ଦ ଅନୁଭବ କରି ପାରିବେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କବିତାୟନ

## ପରିଶ୍ରମ

ଧର୍ମାନନ୍ଦ ମହାରଣା



ପରିଶ୍ରମ ଫଳ ହୁଅଇ ସଫଳ, ଉଦ୍ୟମ ସାଧୁତା ବଳେ
ବାଧ ବାଧକରେ ଭୟ ଅନିଚ୍ଛାରେ, ବୃକ୍ଷରେ ଫଳ ନ ଫଳେ ।

ଚେଷ୍ଟା ସହ ନିଷ୍ଠା ଏକତ୍ର ହୋଇଲେ ଅସାଧ ସାଧ ହୋଇବ
ବଚନେ ନମ୍ରତା ହୃଦୟେ ସୌହାର୍ଦ୍ଧ୍ୟ ଭାବ ରଖି ଚାଲୁଥିବ
କର୍ମର ବିଚାର ଶୁଦ୍ଧ ଅଟେ ଯା'ର, ସେ ମହତ ଜାଣ ଭଲେ
ପରିଶ୍ରମ ଫଳ ହୁଅଇ ସଫଳ, ଉଦ୍ୟମ ସାଧୁତା ବଳେ ।।

ସକଳ ପ୍ରୟାସ ବିଫଳ ହୁଅଇ, କାର୍ଯ୍ୟରେ ବିମୁଖ ହେଲେ
କୁହୁଡ଼ି ସଙ୍ଗରେ ପହଁରିବା ସମ, ତାହା ଜାଣିରଖ ଭଲେ ।

ସାଧନାରେ ତ୍ରୁଟି ହୋଇଲେ ବିଚ୍ୟୁତି, ଆଶା ହୋଇଯାଏ ବୃଥା
ଅଭିଳାଷ ଯେତେ ଉଚ୍ଚ ହେଲେ ମଧ୍ୟ, ନିରାଶ ହୋଇବା କଥା
ଆଳସ୍ୟକୁ ଧରି ସଙ୍ଗରେ ତାହାରି, କୁହେ ବିହି ବାମ ହେଲେ
ବାଧ ବାଧକରେ ଭୟ ଅନିଚ୍ଛାରେ, ବୃକ୍ଷରେ ଫଳ ନ ଫଳେ ।।

ସ୍ୱପ୍ନ ସବୁ ତୁମ ସାକାର ହୋଇବ, ବୁଝିନିଅ କର୍ମ ଭାଷା
ହେ ମଣିଷ ଭାଇ ପରିଶ୍ରମ କର, ଭୋଗନି ଆଉ ଦୁର୍ଦ୍ଦଶା ।।


ଗଞ୍ଜାମ
ଦୂରଭାଷ- ୮୯୧୭୪୪୬୪୪୧


## ଶୀତର ଛୁଆଁରେ...

ନୂତନ କୁମାର ବେହେରା

ଶୀତର ଛୁଆଁରେ......
ଟାଙ୍କୁରି ଉଠେ ଦେହର ଲୋମ ସବୁ
କିଣୁଥିବା ଥଣ୍ଡା ହାଉଆକୁ କଠୋରୀ ଭିତରେ
ବାଜିଲେ ଏବେ ଲାଗେ ଭାରି ବିରକ୍ତ,
ପଶମର ଦାମିକା ପୋଷାକ ପାଦରୁ ମୁଣ୍ଡ
ଶରୀର ପାଇଁ ହୁଏ ଖୋଳ
ଭିଜା ଭିଜା ପାଗ... ପାଣି ପାଲଟେ ବରଫ ।
ବିଗୁଡୁଥିବା ଖରାକୁ ଖୋଜୁ ବାରଣ୍ଡାରେ
ନିଆଁ ଧରିବାକୁ ହାତ ଲମ୍ବେ,
ଗତ କାଲିର ଦିନ ଆଜି ଭୁଲିଯିବା ବନ୍ଧୁ ପରି
ଡାକିଲେ ଫେରି ଚାହେଁନା ଥରେ ।
ପାଣି ଭିତରର କୁମ୍ଭୀର ପରି
ଛାଇକୁ ଦେଖିଲେ ମାଡ଼େ ଭାରି ଡ଼ର,
ଜଳନ୍ତି ନିଆଁ ପାଖରେ ଭିଡ଼
ବର୍ଷା ଦିନିଆଁ କୀଟ ପତଙ୍ଗ ଝଡିପୋକ
ପରି ।
ଶୀତର ଛୁଆଁରେ...
ଦିନଚର୍ଯ୍ୟାର ନିର୍ଘଣ୍ଟ ବଦଳି ଯାଏ
ଦିନଟା ଆଖି ସାମ୍ନାର ବାଟୋଇ ସମାନ
କେଇ ପଲକେ ପାହୁଣ୍ଡ ପକାଇ ହୁଏ ଉଭାନ,
ରାତିର ରାଜୁତି ବଢ଼େ
ଗାଁ ରୁ ସହର ଘୁମେଇ ପଡ଼ନ୍ତି ସଅଳ
କୋଳାହଳ ପଶିଯାଏ ନିସ୍ତବ୍ଧତାର
ପେଟରେ ।
କମ୍ବଳ ଭିତରରୁ ବାହାରୁଥିବା ଘୁଙ୍ଗୁଡି
ମିଶେ ଥରୁ ଥିବା ଥଣ୍ଡା ପବନରେ,
ଓଲଟିଯାଏ ଖେଳର ବାଜି
ଜିତୁଥିବା ଖେଳାଳୀ ହୁଏ ନିରୁତ୍ସାହିତ
ଜୀବନଟା ଜଞ୍ଜାଳ ଭିତରେ ହୁଏ
ସଂକୁଚିତ ।
ଚହଟୁଥିବା ରଙ୍ଗ ସବୁ ଦିଶେ ଫିକା ଫିକା
ଶୀତନିଦ୍ରାରେ ସାପ ବେଙ୍ଗ କଇଁଛ,
ସ୍ୱପ୍ନ ସବୁ ମିଳାଏ ସକାଳର କୁହୁଡିରେ
ଆଶାର ପାଦପ ପତ୍ର ଝରାଏ ଟପ ଟପ ଲୁହ ।
ଶୀତ ଛୁଆଁରେ....




କୋହି, ବାରିପଦା, ମୟୂରଭଞ୍ଜ,
ଦୂରଭାଷା -- ୮୦୧୮୩୫୩୩୨୨


## ନିଜ ପାଇଁ

ସ୍ନିଗ୍ଧା ପଣ୍ଡା



ସମସ୍ତେ ନିଜ ପାଇଁ କିଛି ଖୋଜନ୍ତି
ନିଜ ପାଇଁ ଗଛ ଖୋଜେ ପାଣି ଆଉ ଆଲୁଅ
ବଢ଼ିବାକୁ, ଫୁଟିବାକୁ, ଫଳିବାକୁ
ନିଜ ପାଇଁ ନଈ ଖୋଜେ ଗଡାଣି
ଆଗକୁ ଆଗକୁ ବହିଯିବାକୁ
ନିଜ ପାଇଁ ଜହ୍ନ ବି ଖୋଜେ ସୁରୁଜ
ପ୍ରକାଶ ହେବାକୁ
ନିଜ ପାଇଁ ସେ କିନ୍ତୁ ଖୋଜେ ନାହିଁ କିଛି
ତମେ ଯାହା ଚାହଁ ତା' ହିଁ ଚାହେଁ
ତମେ ଯାହା ଖୋଜ, ତା' ହିଁ ଖୋଜେ
କେବେ ହେଲେ ନିଜ ପାଇଁ ନୁହେଁ ?

ତମ ଇଛାରେ
ଖାଇବାକୁ ଇଛା ନ ଥିଲେ ବି ଖାଏ
ତମ ଇଛାରେ ବି ନ ଖାଇ ସେମିତି ରହିଥାଏ
ତମ ଇଛାରେ ଚାଲେ
ତମ ଇଛାରେ ଭୁଲେ
ତମ ଇଛାରେ କାଢି ପକାଏ ବାସ ବେଶ
ଆଭୂଷଣ
ତମ ଇଛାରେ ଢାଙ୍କିଥାଏ ନିଜଠି
ପ୍ରସ୍ତ ପ୍ରସ୍ତ ଅନ୍ଧାରର ମହଲଣ ?
ଘରେ ଥାଏ ତମ ପାଇଁ
ହସେ ତମ ପାଇଁ
ତମର ଯାବତ ଅଦଉତି ଆଗରେ
ନିଜର ଆତ୍ମା ଅଛି ବୋଲି ଭୁଲିଯାଏ
ସମସ୍ତେ ତାକୁ ନାରୀ କହନ୍ତି
ହେଲେ
ତମ ଇଛାକୁ ସୁହେଇଲା ପରି
ତା'ଠାରୁ ଭଲ ପୋଷା ଜୀବ ଆଉ କିଏ
ଯାହାର ନିଜପାଇଁ କିଛି ହିଁ ନ ଥାଏ ??


ମୋ-୯୮୬୧୩୨୩୬୫୦


## ।। ଜଙ୍ଗଲ ।।

ସୁଧୀର ମେହେର

ବେଳେ ବେଳେ
ତତେ ଥରେ ପାଖରୁ,
ଖୁବ୍ ପାଖରୁ ଦେଖିବାକୁ ଇଚ୍ଛା ହୁଏ ,
ଅଥଚ
ତତେ ପାଖରୁ ଦେଖିବା /ପାଖରେ ପାଇବା
ସ୍ୱପ୍ନ ପରି ଲାଗେ ।।

ଆଜିକାଲି ଆଉ ଶୁଣିବାକୁ ମିଳୁନି-ତୋ'
ପାଦର ରୁଣୁଝୁଣୁ ,
ଶୁଭୁନି ତୋ ଓଠର
ବୀଣା ନିନାଦିତ କଣ୍ଠ....
ପବନରେ ତରାଙ୍ଗିୟିତ ହେଉନି
ବି ତୋ'ର ଶାଗୁଆ ପଣତ..
ତୁ
କୁଆଡେ ହଜିଗଲୁ ସତେ !!

ଦେଖ୍....
ମୁଁ ଯେତେ ଯେତେ ଟାଣି ଟାଣି ହୋଇ ଯାଉଛି
ତୋ'ପାଖକୁ ,
ତୁ ସେତେ ସେତେ ଘୁଞ୍ଚି ଚାଲିଚୁ ମୋ ଠୁ,
ଆସ୍ତେ ଆସ୍ତେ ଉଭାନ୍ ହୋଇ ଚାଲିଚୁ
ମୋ ମନ ମସ୍ତିଷ୍କରୁ,ଆଖି ପଲକରୁ ।।

ଏବେ ତ,
ଡର ଲାଗିଲାଣି-ହୁଏତ କିଛି ଦିନ ପରେ
ତୁ ସଂପୂର୍ଣ୍ଣ ହଜି ଯିବୁ ଆଖିର ପରିଧିରୁ,
ତତେ ପାଇବାକୁ ହେଲେ
ଅଣ୍ଡାଳି ହେବାକୁ ହେବ ଛାତିତଳ
ଅବା ସ୍ମୃତିର ଆଲବମ୍ ରୁ ତୋ'ର ଫଟୋ
ଚିତ୍ର ।।

ମାନୁଚି
ସବୁ ଭୁଲ୍ ଆମର ।
ଆମେ ହିଁ ନୀଳ ଅହଂକାରରେ
ଦୂରେଇ ଦେଇଚୁ ତତେ,
ନିଜ ହାତରେ
କାଟି ଦେଇଚୁ ମେଘର ଡେଣା,
ତୋ'ସବୁଜ ପଣତ ଚିରି ଉଡେଇ ଚାଲିଚୁ
ତୁଚ୍ଛା ପ୍ରଗତିର ବାନା ।।

ଆଜି,
ତୋ'ବିହୁନେ ଶ୍ୱାସରୁଦ୍ଧ ହେଲା ବେଳକୁ
ମନେ ପକଉଚୁ ତତେ,
ବୁଝି ପାରୁଚୁ-ତୋ'ବିନା
ଜୀବନ ଜୀଇଁବା କେତେ ଦୂର୍ବିସହ ସତେ !

ନିଜ ଉପରକୁ
ଆକାଶ ଛିଣ୍ଡି ପଡିଲା ବେଳକୁ
ଡାକ ଛାଡୁଚୁ-ରକ୍ଷାକର....ରକ୍ଷାକର.....

କେତେ
ସ୍ୱାର୍ଥପର ଆମେମାନେ ସତେ !!


ଚିଟୈଗୁଡା, ଜୁନାଗଡ଼,
କଳାହାଣ୍ଡି, ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭


## ସାହିତ୍ୟିକ

ରତ୍ନକାନ୍ତି ମିଶ୍ର

ସ୍ରଷ୍ଟାର ସୁକୃତି ନିରବ ନିମଗ୍ନେ କହିଥାଏ କେତେ କଥା
କଥା ନୁହେଁ ସେତ ଜଳଛବିଟିଏ ସଂସାରର ସାରବତ୍ତା ,
ଅକ୍ଷରରୁ ଶବ୍ଦ, ଶବ୍ଦରୁ ସୃଜନ ଭାବାବେଗ ରେଖା ଚିତ୍ର
ସେ ପରା ଦର୍ଶାଏ ଶବ୍ଦ ବିନ୍ୟାସରେ ମହାଗାଣତିକ ସୂତ୍ର ।।

ସାହିତ୍ୟିକ ଆଣେ ସାହିତ୍ୟ ଜଗତେ ସୃଜନୀର ପଦଧ୍ୱନୀ
ଲୁହ ହୋଇ କେବେ ଝରଇ ସାହିତ୍ୟ କେବେ ଖୁସି ମନ୍ଦାକିନୀ,
ଝରା ଶେଫାଳିର ବାସ୍ନାରେ ସତେକି ସାହିତ୍ୟ ମହକୁଥାଏ
କେବେ ଆବେଗରେ ଯନ୍ତ୍ରଣା ଜର୍ଜିତ ନୀରବ ନିଥର ହୁଏ ।।

ଧନବାନ କେବେ ହୁଏନା ବନ୍ଦିତ କା ହୃଦେ ଜାଗାଟେ ନେଇ
ସାହିତ୍ୟିକ ପୂଜା ପାଉଥାଏ ବିଶ୍ୱେ ତା' କୃତି ସାହିତ୍ୟ ପାଇଁ,
ସାହିତ୍ୟ ପରା ତା ମାନସ ସନ୍ତାନ ସ୍ନେହ ସୋହାଗର ପାତ୍ର
ତା ପାଇଁ କି ସିଏ ହୁଏ ଆୟୁଷ୍ମାନ ଜଗତେ ଉଡ଼େ ତା ଜୈତ୍ର ॥

ଶାଣିତ ସ୍ୱରରେ ସୃଜନ ସାହିତ୍ୟ ସ୍ୱୟଂସିଦ୍ଧ ଦୁନିର୍ବାର
ସାହିତ୍ୟିକ ପରା ବଖାଣେ ବିଶଦ ଜୀବନର ଅନ୍ତଃସ୍ୱର ।।




ଆଳି
କେନ୍ଦ୍ରାପଡା


## ସଂଘର୍ଷ

ସନ୍ତୋଷ କୁମାର ଅଦାବର

ଜୀବନେ ଯାହାର ସଂଘର୍ଷ ରହିଛି
ସେ ଜାଣେ ନିଜର କଥା
ବିଳାସ ବ୍ୟସନେ ଯା' ଜୀବନ ବିତେ
ନ ଜାଣେ ସେ ଦୁଃଖ ବ୍ୟଥା ।
ସଂଘର୍ଷ ଜୀବନେ ଅବଶ୍ୟ ଭାଇ ହେ
ବହୁ କଷ୍ଟ ହୁଏ ଭୋଗ
ସେ କଷ୍ଟ ଭିତରେ ସୁଖ ଖୋଜିବାଟା
ବୋଧେ ଗୋଟେ ସଉଭାଗ୍ୟ ।
ବହୁ ଶିକ୍ଷା ଦିଏ ବଞ୍ଚିବା ଭିତରେ
ସଂଘର୍ଷମୟ ଜୀବନ
ସେଇ ଶିକ୍ଷା ସବୁ ଜିଇଁବା ମାର୍ଗରେ
କରେ ପଥ ପ୍ରଦର୍ଶନ ।
ସଂଘର୍ଷର କଥା ବଖାଣିଲେ କେବେ
ଦୁଃଖ ନ ହୁଏ ଲାଘବ
ଯେବେ ମିତ୍ରଜନ ସଂଘର୍ଷ ଦେଖିନି
ତୋର ସଂଘର୍ଷେ କି ଲାଭ ?
ଜୀବନର ଆଉ ଏକ ପରିଭାଷା
ସଂଘର୍ଷ ବୋଲି ସେ ଜାଣ
ସଂଘର୍ଷ ନ ଥିଲେ ଜୀବନଟା ସତେ
ମରୁ ମରୀଚିକା ସମ ।




ବୀରମହାରାଜପୁର,
ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


## ଅସରନ୍ତି କବିତା

ମମତା ପ୍ରିୟଦର୍ଶିନୀ

କିଛି କବିତା ବାକି ରହିଗଲା
ଧୂଳିରେ , ଶୂଳିରେ,
ଅନ୍ଧାର ଭିତରୁ
ସତର ଆଲୁଅ ଖୋଜିବାକୁ ।

ପାପ ପଙ୍କର ସରସୀରେ
ପଦ୍ମ ଫୁଟେଇ ପବିତ୍ରତାର,
ଉଡୁଥିଲା ଗେଣ୍ଡାଳିଆ
ଆକାଶର ନୀଳିମାରେ
ଇତିହାସ ରଚିବାକୁ ।

ସେ କି ଜାଣିଥିଲା
ଶୂନ୍ୟତାର ଜ୍ୟାକେଟ ପିନ୍ଧି
ହସୁଛି ଖିଲି ଖିଲି ସମୟ ,
ସାଉଁଟି ଚାଲିଥିଲା
ମହୁଲର ମହୁ
କୋକିଳର କୁହୁ ।

ଦୂର୍ବାର ମୋହ
ଅଜସ୍ର କୋହ
ରୋକିପାରେନା ନଦୀର ପଥକୁ ,
ନିରବଧି ସେ ଚାଲେ
ପୁଣି ଚାଲେ
ଝୁଣ୍ଟି ହୋଇ ରକ୍ତ ବୋହିବା ପରେ ବି ।

କବିତା , ଆହୁରି କେତେ କବିତା
ବାକି ଅଛି,
ରହିଥିବ ,
ଦୁଇ ଖଣ୍ଡ କାଠ ସହ
ଜଳିଲା ବେଳେ ବି
ପାଉଁଶର ଗଦା ପାଲଟିଲା ପରେ ବି
ବାକି ଥିବ କବିତା
ଅସରନ୍ତି କବିତା।।



## ଆଦେଖା ଅତୀତ

ସ୍ନେହଲତା ନାୟକ

କୁହୁକିନୀ ମୁହୂର୍ତ୍ତର ସପନ ମାୟାରେ
ଶବ୍ଦର ସୁରଭିତ ବସାଣରେ ଭିଜୁଥିବା
ବେଳେ
କେଉଁ ଏକ ଅଜଣା ସ୍ୱରର ମେଘିଳ
ମାୟାରେ
ହଜିଗଲି ଭିଜିଗଲି ମଜ୍ଜିଗଲି
ଅତିନ୍ଦ୍ରୀୟ ଚେତନାର ଇନ୍ଦ୍ରଧନୁ ଧାରେ ।
କବିତାର ନୀଳକଇଁ
ତା ମଧରେ ମଞ୍ଜୁଳ ଶବ୍ଦର ମୋତି ସବୁ
ଅଚାନକ ମୋ ଚେତନାର ପଥରୁଦ୍ଧ
କଲେ ।
ଚେତନାରେ ଥାଇ ମଧ ବିସ୍ମୃତିର ଅତଳ
ଅତୀତ
ଏବଂ କିଛି ଜନ୍ମ ଜନ୍ମାନ୍ତରର ଅନିତ୍ୟ
ରାସରେ
ସେତେବେଳେ ମୋ ସତ୍ତା ବ୍ୟସ୍ତ ଓ ବିବ୍ରତ
ଏବେଏବେ ଯାହା ମୋ ଆଗେ ଘଟି ଚାଲିଥିଲା ..
କିଛି କିଛି ପ୍ରିୟ ବାନ୍ଧବୀଙ୍କ ଗପସପ
ଏବଂ ସବୁଠୁ ଆଶର୍ଯ୍ୟ କଥା ହେଲା
ସେ ଶବ୍ଦର କୋଳାହଳ ମୋତେ
ଟିକେ ବି ଛୁଉଁ ନଥିଲା ।
ଅଥଚ,
ମୃଗୁଣୀଟିଏ କାନ ପାରିଲା ପରି,
ମୋ ଭିତର ମୃଗୁଣୀ ବି
କାନ ପାରି ଦେଲା ।
ଜାଣି ବି ଜାଣୁ ନଥିଲି, ଦେଖି ବି ଚିହ୍ନୁ ନଥିଲି
କେମିତି ବା ଏ ଅଭିଆଣ କଥା ?
ଅଥଚ ତାଙ୍କ କଣ୍ଠସ୍ୱର ସହିତ, ମୁଁ ମାତୃ ଗର୍ଭରୁ ଓ
ଜନ୍ମ ଜନ୍ମାନ୍ତରର ଢେର ପୂର୍ବରୁ ପ୍ରଚୁର ପରିଚିତ ଥିଲି ।
ନିର୍ଲିପ୍ତରେ ଶୂନ୍ୟକୁ ଚାହୁଁଥିଲି
ଆଶ୍ଚର୍ଯ୍ୟର ଅଶ୍ରୁଧାର
କେଉଁ ଏକ ଦିବ୍ୟତାରେ ଝରି ପଡୁଥିଲା ।
ଏ ଜନ୍ମରେ ନହେଲେ ବି ପୂର୍ବାପର ସଙ୍ଗତିରେ ମୋ
ମ୍ରିୟମାଣ
ହୃଦୟ ବି ତାଙ୍କ ଅନୁଭବର ସ୍ପର୍ଶରେ
ତାଙ୍କ ସହ
ନିରବତାର କାବ୍ୟଟିଏ ଗପି ଚାଲିଥିଲା ।
ସେ କିଏ ଚିହ୍ନି ବି ଚିହ୍ନି ପାରୁ ନଥିଲି ।
ଅଜଣା ଆକର୍ଷଣରେ ସ୍ୱତଃ ଟାଣି ହେଇ ଯାଉଥିଲି ।
ଏମିତି ଏକ ଅପରିଚିତ କଣ୍ଠସ୍ୱର
ଶବ୍ଦର ଲହରୀ ପରି
ମୋ ହୃଦକୁ ଛୁଇଁ ଯାଉଥିଲା ।
ମୁଁ ନିର୍ବାକ କାହିଁକି ଏମିତି ହୁଏ ?
ଅତୀତର ଚିତ୍ରପଟ୍ଟ ପରି
ମୋ ଆଗରେ ଭାସି ଯାଉଥିଲା ।
ଏପରି ପରିଚିତ କଣ୍ଠସ୍ୱର ଲାଗୁଥିଲା
କାହିଁ କେତେ ବର୍ଷ ବର୍ଷାନ୍ତର, ଶୁଣି ଆସୁଥିଲି ସିନା
ସେ ଦିବ୍ୟଙ୍କୁ ଦେଖି ନଥିଲି ।
ଅଥଚ ଦେଖିବା ପରେ
ତାଙ୍କ ମାୟାର ଆବର୍ତ୍ତରେ
ସକଳ ଭକ୍ତିର ନୈବେଦ୍ୟରେ ନିଜକୁ
ଯୋଡ଼ିଲି ।


ବାରିପଦା


## ।। ବେଦନା ।।

ଐଶ୍ୱର୍ଯ୍ୟା ପ୍ରଧାନ

କେତେ ଭୋଗିଛ ମୋତେ
ଦେହକୁ, ମନକୁ, ଲୁହକୁ
ତତଲା ଲୁହା କଣ୍ଟାରେ ଫୋଡି ଦେଇଛ
ଛାତି ଭିତରର ଘାଆକୁ ?
କେତେ ଥର ଭାଙ୍ଗି ଦେଇ
ସାଉଁଟି ଆଣିଛ
ମୋ ଶରୀରର ରକ୍ତ, ହାଡ଼, ମାଉଁସକୁ,
ଜଳନ୍ତା ମରୁ ବାଲିରେ ବିଛାଡ଼ି ଶୁଖେଇ ଦେଇଛ ।।

ପରସ୍ତ ପରସ୍ତ ଜଳିଛି ମୋର ଅଙ୍ଗ
ଆଉ ମନ ବୋଲି ଗୋଟେ ଜିନିଷ
ଚାହିଁଛି
ଟିକିଏ ଶୀତଳ ପରଶ
ଘନ କୁହୁଡ଼ିର ଓସ
ବର୍ଷାର ଛିଟା
ହେଲେ ଦୂର ଦୂର ପର୍ଯ୍ୟନ୍ତ
ଆଖିକୁ ଦିଶୁଛି ଶୁଖିଲା ମରୁଭୂମି ।।

କେତେ କଷ୍ଟ ଦାୟକ ସତରେ
ମନର ବେଦନାକୁ
ଅମୃତ ଭାବି ପିଇବା
ଲୁହ ଧାରକୁ ଲୁଚେଇ ଗାରେ ମିଛ ହସକୁ
କ୍ଷତାକ୍ତ ଓଠରେ ସଜେଇବା
ମେଞ୍ଚା ମେଞ୍ଚା ଦାଗକୁ ଲୁଚେଇ
ଦୁନିଆଁ ଆଗରେ ଅଭିନୟ କରିବା
ଜୀବନ ତ ପାଲଟିଛି ସାଧା କାଗଜ
କେତେ କଷ୍ଟ ସତରେ
ସେ କାଗଜରେ ରଙ୍ଗ ବୋଳିବା ।।


ପୋଷ୍ଟାଲ୍ କଲୋନୀ, ଭବାନୀପାଟଣା କଳାହାଣ୍ଡି
ମୋ- ୭୦୦୮୯୩୧୫୯୯

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୩ ଡିସେମ୍ବର, ଶୁକ୍ରବାର, ୨୦୨୪


# ଗ୍ରାମାଞ୍ଚଳ ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ : ବାରଖମା ଦଳ ବିଜୟୀ



**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ମିଡିଆକିଆ ସ୍ଥିତ ବ୍ଲୁଷ୍ଟାର କମିଟି ଆନୁକୂଲ୍ୟରେ ଗୁରୁବାର ଗ୍ରାମାଞ୍ଚଳ ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ୱାର୍ଡ଼ ନଂ. ୮ର ବିଜେପି ସଭାପତି ଆଶିଷ କୁମାର ମହାପାତ୍ର ଯୋଗ ଦେଇ ଦୀପ ଧୂପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିନର ଉଦ୍‌ଘାଟନୀ ମ୍ୟାଚ୍ ବାରଖମା ସହିତ ସପେଲି ଗ୍ରାମ ମଧ୍ୟରେ ଆୟୋଜିତ ହୋଇଥିଲା, ଏଥିରେ ବାରଖମା ଦଳ ବିଜୟୀ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ୧୪ଟି ଟିମ୍ ଅଂଶଗ୍ରହଣ କରୁଥିବା ବେଳେ ବିଜେତା ଦଳକୁ ୨୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ ଏବଂ ଏହାର ଫାଇନାଲ ଖେଳ ୧୮ ତାରିଖରେ ଆୟୋଜିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ଏଥିରେ କମିଟିର ଅମୁଲ୍ୟ ନାୟକ, ଅରୁଣ ନାୟକ, ବୁଲୁ ନାୟକ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଡି. ଗୁକେଶ ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିଅନ

**ନୂଆଦିଲ୍ଲୀ**

ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କୁ ହରାଇ ବିଶ୍ୱ ଚେସ ଚାମ୍ପିୟନସିପ୍‌ରେ ବିଜୟ ହାସଲ କରିଛନ୍ତି ଭାରତର ଡି. ଗୁକେଶ । ୧୪ ରାଉଣ୍ଡ ବିଶିଷ୍ଟ ଏହି ମୁକାବିଲାର ଶେଷ ରାଉଣ୍ଡରେ ଗୁକେଶ ଲାରେନଙ୍କୁ ହରାଇ ଇତିହାସ ରଚିଛନ୍ତି । ଉଭୟେ ୬.୫ ପଏଣ୍ଟ ସହିତ ଫାଇନାଲ୍ ମୁକାବିଲାକୁ ଓହ୍ଲାଇଥିଲେ । ଏକ ସମୟରେ ଏପରି ଲାଗୁଥିଲା ଯେ ଏହି ମୁକାବିଲା ମଧ୍ୟ ଡ୍ର' ଆଡ଼କୁ ଅଗ୍ରଗତି କରୁଛି । କିନ୍ତୁ




ସମୟ ଅଭାବ କାରଣରୁ ଡିଙ୍ଗ ଲାରେନଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି । ଏଥିସହିତ ୨୦୧୨ରେ ବିଶ୍ୱନାଥ ଆନନ୍ଦଙ୍କ ପରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଛନ୍ତି । ଗୁକେଶଙ୍କ ପାଇଁ ୨୦୨୪ ଏକ ଚମତ୍କାର ଚମତ୍କାର ବର୍ଷ ରହିଛି । ଚଳିତବର୍ଷ ସେ ଟୁର୍ଣ୍ଣାମେଣ୍ଟ ଏବଂ ଚେସ ଅଲିମ୍ପିଆଡ୍ କ୍ୟାଣ୍ଡିଡେଟ୍ ଟୁର୍ଣ୍ଣାମେଣ୍ଟ ଏବଂ ଅଲମ୍ପିଆଡ ସ୍ୱର୍ଣ୍ଣ ଜିତିଥିଲେ । ଏବେ ପ୍ରଥମ କିଶୋର ଭାବେ ବିଶ୍ୱ ଚେସ୍ ଚାମ୍ପିଅନ୍ ମଧ୍ୟ ଜିତିଛନ୍ତି ।

## ୨୭ ମାସରେ ନମ୍ବର ୱାନ୍ ବ୍ୟାଟର ହେଲେ ହ୍ୟାରି ବ୍ରୁକ

**ନୂଆଦିଲ୍ଲୀ**

ଆଇସିସି ଦ୍ୱାରା ଜାରି ସଦ୍ୟତମ ଟେଷ୍ଟ ବ୍ୟାଟିଂ ମାନ୍ୟତାରେ ଶୀର୍ଷକୁ ଉଠିଛନ୍ତି ଇଂଲଣ୍ଡର ବ୍ୟାଟର ହ୍ୟାରି ବ୍ରୁକ । ସେ ନିଜ ଦେଶର ସାଥୀ ଖେଳାଳି ଜୋ ରୁଟ୍‌ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଦଖଲ କରିଛନ୍ତି । ରୁଟ୍ ଦୀର୍ଘ ସମୟ ଧରି ଟେସଷ୍ଟର ନମ୍ବର ୱାନ ଆସନରେ ବସିଥିଲେ । ହ୍ୟାରି ବ୍ରୁକ ୨୭ ମାସ ପୂର୍ବେ ଇଂଲଣ୍ଡ ପକ୍ଷରୁ ଟେଷ୍ଟରେ ପଦାର୍ପଣ କରିଥିଲେ । ଆଉ ନିରନ୍ତର ଦମ୍‌ଦାର ପ୍ରଦର୍ଶନ କରି ଶୀର୍ଷ ସ୍ଥାନ ଅକ୍ତିକାର କରିଛନ୍ତି । ହ୍ୟାରି ବ୍ରୁକ ୮୯୮ ରେଟିଂ ପଏଣ୍ଟ ପାଇଥିବା ବେଳେ ଜୋ ରୁଟ୍ ତାଙ୍କଠୁ କେବଳ ଗୋଟିଏ ରେଟିଂ ପଛରେ ଅଛନ୍ତି ।

## ଆକ୍ସନ ମୋଡ୍‌ରେ ଜୟ ଶାହା

# ଅଷ୍ଟ୍ରେଲିଆରେ ଚାଲିଛି ବଡ଼ ଗେମ୍ ପ୍ଲାନ୍



**ନୂଆଦିଲ୍ଲୀ**

ଆଇସିସିର ନୂତନ ଚେୟାର–ମ୍ୟାନ ହେବା ମାତ୍ରେ ଜୟ ଶାହା କ୍ରିକେଟକୁ ବିଶ୍ୱରେ ଏକ ନୂତନ ସ୍ଥାନ ଦେବା ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ସେ ବ୍ରିସ୍‌ବେନରେ ୨୦୩୨ ଅଲିମ୍ପିକ ଆୟୋଜକ କମିଟିଙ୍କୁ ଭେଟିଛନ୍ତି । ୨୦୩୨ ଅଲିମ୍ପିକ୍ସ ଅଷ୍ଟ୍ରେଲିଆର ବ୍ରିସବେନରେ ଆୟୋଜିତ ହେବ ଏବଂ ଏହା ପୂର୍ବରୁ କ୍ରିକେଟ ମଧ୍ୟ ଏହି ଖେଳଗୁଡ଼ିକରେ ଅନ୍ତର୍ଭୁକ୍ତ ହେବ ବୋଲି ଘୋଷଣା ହୋଇସାରିଛି । କ୍ରିକେଟ ଖେଳ ଏହାର ୪ ବର୍ଷ ପୂର୍ବରୁ ଫେରି ଆସିଥିବ ଅର୍ଥାତ୍ ୨୦୨୮ ଲସ୍ ଆଞ୍ଜେଲସ ଅଲିମ୍ପିକ୍ସରେ ।

ବିସିସିଆଇର ପୂର୍ବତନ ସଚିବ ତଥା ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଜୟ ଶାହା ସୋସିଆଲ ମିଡିଆରେ ଏକ ଭିଡିଓ କ୍ଲିପ ଶେୟାର କରିଛନ୍ତି । ଏଥିରେ ବୈଠକରେ ବସିଥିବାର ଦେଖାଯାଇଛି । ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ ପ୍ରତ୍ୟା–ବର୍ତ୍ତନରେ ଜୟ ଶାହାଙ୍କର ମଧ୍ୟ ଏକ ପ୍ରମୁଖ ଭୂମିକା ରହିଛି ଏବଂ ସେ ଏହି ଖେଳକୁ ସାରା ବିଶ୍ୱରେ ଲୋକପ୍ରିୟ କରିବା ପାଇଁ ନିଶ୍ଚିତ ଭାବରେ ଚେଷ୍ଟା କରିବେ ।

# ବାବୁଜଙ୍ଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉନ୍ମୋଚନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନ୍ୟାସନାଲ ସ୍ପୋର୍ଟିଂ କ୍ଲବ୍ ବାବୁଜଙ୍ଗ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏପିଏଲ କ୍ରିକେଟ ପ୍ରତିଯୋଗିତାର ଟ୍ରଫି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୦୨୫ ଜାନୁଆରୀ ୮ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଗୋଟିଏ ଦଳ ଭାଗ ନେଉଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଟ୍ରଫି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମି. ନ୍ୟୁଜ୍ ଓଡ଼ିଶା ଚେୟାରମ୍ୟାନ ଇଜାଜ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜେନିଥ କମ୍ପ୍ୟୁଟର ଅଧ୍ୟକ୍ଷ ମିର ସଲାମ, ମୁଖ୍ୟ ବ୍ୟକ୍ତା ଭାବେ ନ୍ୟୁଜ୍ ୭ ଅଧ୍ୟକ୍ଷ ଅମିତାଭ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବସ୍ତିର ପୂର୍ବତନ ସର୍ଦ୍ଦାର ଗୁଲ୍ଲେର ଅଲ୍ଲୀ ଖାଁ, କ୍ଲବ୍‌ର ବରିଷ୍ଠ ସଦସ୍ୟ ଅବଦୁଲ ମନାନ ଖାଁ, ଅବଦୁଲ ସକୁର ଖାଁ, ଇସ୍ତାକ ଖାଁ, ଯୋଗଦେଇ ଟ୍ରଫି ଲୋକାର୍ପଣ କରିଥିଲେ । ଭଗନେବାକୁ ଥିବା ୧୬ ଗୋଟି ଦଳର କ୍ୟାପଟେନମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ରିଆଜ ଖାନ, ସୋହେଲ ଖାନ, ନଦିମ ଅଖତର, ଜାବିର ଖାନ, ସକିଲ ଖାନ, ଅବଦୁଲ ବାରି, କାଦିର ଖାନ, ଇରଫାନ ଖାନ, ହବିବ ଖାନ, ସାହିଦ ଖାନ, ସୋହେବ ଖାନ ପ୍ରମୁଖ ସହାୟତା କରିଥିଲେ ।




# ବିଜୟ ହଜାରେ ଟ୍ରଫି : ୧୮ ଜଣିଆ ଓଡ଼ିଶା ଦଳରେ ୫ ନବାଗତ, ୨୧ରୁ ଅଭିଯାନ

**କଟକ, ନ୍ୟୁଜ୍‌ବ୍ୟୁରୋ**

ବିଜୟ ହଜାରେ କ୍ରିକେଟ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି । ୧୮ ଜଣିଆ ଦଳ ଘୋଷଣା କରିଛି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) । ଟିମ୍‌ରେ ରହିଛନ୍ତି ଯୁବ ଓ ଅଭିଜ୍ଞ ଖେଳାଳି । ହେଡ୍ କୋଚ ସୁରେନ୍ଦ୍ର ଭାବେ ଓ ସଦସ୍ୟ ସୁବିତ ବିଶ୍ୱାଳ ଦଳ ଘୋଷଣା କରି ଟୁର୍ଣ୍ଣାମେଣ୍ଟ ପାଇଁ ଅଧିନାୟକ ଭାବେ ସନ୍ଦୀପ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଛନ୍ତି । ଆସନ୍ତା ୨୧ ତାରିଖରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳିବ ଓଡ଼ିଶା । ଓଡ଼ିଶା କ୍ରିକେଟ ଟିମ୍ ଗୋଆ, ଆସାମ, ଉତ୍ତରାଖଣ୍ଡ, ମଣିପୁର, ଝାଡ଼ଖଣ୍ଡ, ହରିଆଣା ଓ ଗୁଜୁରାଟ ଟିମ୍ ସହ ମୁକାବିଲା କରିବ । ୱାନ ଡେ ଫର୍ମାଟରେ ହେବ ଏହି ମ୍ୟାଚ୍ । ବିଗତ ଅନେକ ବର୍ଷ ଧରି ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହୁଛି । ତେଣୁ ଚଳିତ ସିଜିନ ପୂର୍ବରୁ ଓଡ଼ିଶାର ଅଭ୍ୟାସ ଓ କ୍ୟାମ୍ପ ଜରିଆରେ ଏହି ଟିମ୍ ନିଶ୍ଚୟ ଭଲ ପଦର୍ଶନ କରିବ ବୋଲି ଆଶା ରଖିଛି ଓଡ଼ିଶା କ୍ରିକେଟ ସଂଘ । ଓଡ଼ିଶାର ୧୮ ଜଣିଆ ଦଳରେ ୫ ଜଣ ନୂଆ ଖେଳାଳିଙ୍କୁ ସ୍ଥାନ ମିଳିଛି । ସେମାନେ ହେଉଛନ୍ତି ଆଶୀର୍ବାଦ ସ୍ୱାଇଁ, ତାପସ ଦାସ, ସୁମିତ ଶର୍ମା, ଜମାଲା ଭଞ୍ଜନ ମହାପାତ୍ର ଏବଂ ଅନିଲ ପରିଡ଼ା । ବିଜୟ ହଜାରେ କ୍ରିକେଟ ଟ୍ରଫିରେ ଚୟନ ହୋଇ ନଥିବା ନେଇ ସିନିୟର କ୍ରିକେଟର ସୂର୍ଯ୍ୟକାନ୍ତଙ୍କ ଅଭିଯୋଗକୁ ଖଣ୍ଡନ କରିଛି ଓସିଏ ସିନିୟର ଚୟନ କମିଟି । ସୂର୍ଯ୍ୟକାନ୍ତ ଜଣେ ଭଲ ଖେଳାଳି, ଗତ ଜୁନ /ଜୁଲାଇରେ ଓପିଏଲରେ ଭଲ ଖେଳିଥିଲେ । ଏହାପରେ ରଣଜୀ ଟ୍ରଫି ପାଇଁ ତାଙ୍କୁ ଚୟନ କରାଯାଇଥିଲା । ହେଲେ ୬ଟି ଇନିଂସରେ ୭ଟି ୱିକେଟ ନେଇଥିଲା ବେଳେ ବ୍ୟାଟିଂରେ ମାତ୍ର ୩୬ ରନ କରିଥିଲେ ସୂର୍ଯ୍ୟକାନ୍ତ । ତାଙ୍କଠୁ ଅନେକ କିଛି ଆଶା କରାଯାଏ, ହେଲେ ସେମିତି କିଛି ପଦର୍ଶନ ଦୃଷ୍ଟିଗୋଚର ହୋଇନଥିଲା । ଏମିତିକି ଦିନକୁ ଦିନ ତାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା । ତେଣୁ ତାଙ୍କ ସ୍ଥାନରେ ପ୍ରଦୀପ ପ୍ରଧାନଙ୍କୁ ସ୍ଥାନ ଦେଇଥିଲା ଚୟନ କମିଟି । ସୂର୍ଯ୍ୟକାନ୍ତଙ୍କୁ ନେଇ ଓସିଏ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ । ଆଗମୀ ଦିନରେ ଯଦି ସେ ଭଲ ପ୍ରଦର୍ଶନ କରନ୍ତି ତେବେ ସେ ଦଳକୁ ନିଶ୍ଚୟ ଫେରିବେ ବୋଲି କହିଛନ୍ତି ଚୟନ କମିଟି ସଦସ୍ୟ ସୁବିତ ବିଶ୍ୱାଳ । ସନ୍ଦୀପ ପଟ୍ଟନାୟକ (ଅଧିନାୟକ), ଶ୍ୱସ୍ତିକ ସାମଲ, ଗୌରଭ ଚୌଧୁରୀ, ଗୋବିନ୍ଦ ପୋଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ତାରିଣୀ ସ, ତାପସ ଦାସ, ସୁମିତ ଶର୍ମା, ଜାମଲା ଭଞ୍ଜନ ମହାପାତ୍ର , ଅଭିଷେକ ରାଉତ, ଅନୀଲ ପରିଡ଼ା, ସର୍ବେଶ୍ୱର ମହାନ୍ତି, ରାକେଶ ପଟ୍ଟନାୟକ, ପ୍ରୟାସ କୁମାର ସିଂ ।

## ସାଉଦି ଆରବ ୨୦୩୪ ଫିଫା ବିଶ୍ୱକପ୍ ଆୟୋଜକ

**ନୂଆଦିଲ୍ଲୀ**



କତର ପରେ ମଧ୍ୟପ୍ରାଚ୍ୟର ଆଉ ଏକ ଦେଶକୁ ମିଳିଛି ଫୁଟବଲ୍ ବିଶ୍ୱକପ ଆୟୋଜନ ଲାଗି ସୁଯୋଗ । ସାଉଦି ଆରବ ହେବ ୨୦୩୪ ପୁରୁଷ ଫୁଟବଲ୍ ବିଶ୍ୱକପର ଆୟୋଜକ ଦେଶ । ସେହିଭଳି ୨୦୩୦ ବିଶ୍ୱକପ୍ ସ୍ପେନ୍, ପର୍ତ୍ତୁଗାଲ ଏବଂ ମୋରୋକୋରେ ଆୟୋଜିତ ହେବ । ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଏହି ଘୋଷଣା କରିଛନ୍ତି । ଫିଫା ଅଧ୍ୟକ୍ଷ ଗିୟାନୀ ଇନଫ୍ୟାଣ୍ଟିନୋ ଏହି ଘୋଷଣା କରି କହିଛନ୍ତି, 'ଆମେ ଫୁଟବଲକୁ ଆହୁରି ଅଧିକ ଦେଶକୁ ନେଇ ଯିବାକୁ ପ୍ରୟାସ କରୁଛୁ ଏବଂ କୌଣସି ଟିମ୍‌ର ଗୁଣବତ୍ତା ସହ ସାଲିସ କରୁନାହୁଁ ।' ସାଉଦି ଆରବରେ ଆୟୋଜନ ପାଇଁ କୌଣସି ପ୍ରକାର ବିରୋଧ ହୋଇ ନାହିଁ । ଜ୍ୟୁରିଖରେ ଫିଫା ବିଶ୍ୱକପ୍ ପାଇଁ ହୋଇଥିବା ବୈଠକରେ ୨୦୦ରୁ ଅଧିକ ସଦସ୍ୟ ଦେଶ ସର୍ବସମ୍ମତିରେ ମଞ୍ଜୁରୀ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ୨୦୨୬ ଫିଫା ବିଶ୍ୱକପ୍ ଉତ୍ତର ଆମେରିକା (ୟୁଏସ୍, ମେକ୍ସିକୋ ଏବଂ କାନାଡା)ର ୧୬ ସହରରେ ଆୟୋଜନ କରାଯିବ । ଫିଫା ଏବଂ ସାଉଦି ଆରବର ଅଧିକାରୀଙ୍କ ଅନୁସାରେ, '୨୦୩୪ ଫୁଟବଲ୍ ବିଶ୍ୱକପ୍ ଆୟୋଜନ ଦ୍ୱାରା ଦେଶରେ ମହିଳାଙ୍କୁ ଅଧିକ ସ୍ୱାଧୀନତା ଏବଂ ଅଧିକାର ମିଳିପାରେ । ଯାହା ଭବିଷ୍ୟତରେ ଏକ ବଡ଼ ପରିବର୍ତ୍ତନ ଆଣିବ ।' ଜ୍ୟୁରିଖ ବୈଠକରେ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ପାଇଁ ମଧ୍ୟ ଘୋଷଣା ହୋଇଛି । ବିଶ୍ୱ ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଫିଫାର ଘୋଷଣା ଅନୁସାରେ, ୨୦୨୭ରେ ମହିଳା ବିଶ୍ୱକପ୍ ୨୪ ଜୁନ୍‌ରୁ ୨୫ ଜୁଲାଇ ଯାଏଁ ବ୍ରାଜିଲ୍‌ରେ ଆୟୋଜିତ ହେବ । ପ୍ରଥମ ଥର ଲାଗି କୌଣସି ଦକ୍ଷିଣ ଆମେରିକୀୟ ଦେଶରେ ମହିଳା ଫୁଟବଲ୍ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି । ମହିଳା ବିଶ୍ୱକପ୍‌ରେ ମୋଟ ୩୨ଟି ଟିମ୍ ଅଂଶଗ୍ରହଣ କରିବେ । ଏହା ପୂର୍ବରୁ ୨୦୨୩ରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମିଳିତ ଆୟୋଜନରେ ହୋଇଥିବା ମହିଳା ବିଶ୍ୱକପ୍‌ରେ ସ୍ପେନ୍ ବିଜୟୀ ହୋଇଥିଲା ।

## ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍

# ରିଲାଏନ୍ସ ଫାଉଣ୍ଡେସନର ଆଥଲେଟ୍ ଜିତିଲେ ୮ ସ୍ୱର୍ଣ୍ଣ ସମେତ ୧୨ ପଦକ

**ଭୁବନେଶ୍ୱର**

ଚଳିତ ୭ ରୁ ୧୧ ଡିସେମ୍ବର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ୩୯ତମ ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ରିଲାଏନ୍ସ ଫାଉଣ୍ଡେସନର ଯୁବ ଆଥଲେଟ୍‌ମାନେ । ଚାମ୍ପିଅନସିପରେ ଆଥ୍‌ଲେଟ୍‌ମାନେ ୮ଟି ସ୍ୱର୍ଣ୍ଣ, ୨ ଟି ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ସମେତ ମୋଟ ୧୨ଟି ପଦକ ଜିତିଛନ୍ତି । ପୁରୁଷ ୧୦୦ ମିଟର ଦୌଡ଼ରେ (୧୦.୫୦ ସେକେଣ୍ଡ) ଏବଂ ୨୦୦ ମିଟର ଦୌଡ଼ରେ (୨୧.୨୭ ସେକେଣ୍ଡ) ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଏଚପିସିରେ ପ୍ରଶିକ୍ଷଣ ନେଉଥିବା ଆଥ୍‌ଲେଟ୍ ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହା ସହିତ ସେ ମହେନ୍ଦ୍ର ସାନ୍ତା, ରାଜେନ୍ଦ୍ର ସିଦ୍ଧୁ ଏବଂ ଆସ୍ତିକ ପ୍ରଧାନଙ୍କ ସହ ମିଶି ୪x୧୦୦ ମିଟର ରିଲେ ଦୌଡ଼ରେ ଏକ ନୂତନ ମିଟ୍ ରେକର୍ଡ (୪୧.୧୦ ସେକେଣ୍ଡ) ସୃଷ୍ଟି କରିଥିଲେ ।

ମହିଳା ବର୍ଗରେ ରିଲାଏନ୍ସ ଫାଉଣ୍ଡେସନର



ସାକ୍ଷୀ ଚବନ ୧୦୦ ମିଟର (୧୧.୮୬ ସେକେଣ୍ଡ) ଏବଂ ୨୦୦ ମିଟର (୨୪.୧୪ ସେକେଣ୍ଡ) ରେ ସ୍ୱର୍ଣ୍ଣ ଜିତିବା ସହିତ ୨୦ ବର୍ଷରୁ କମ୍ ବୟସ ବର୍ଗର ଶ୍ରେଷ୍ଠ ମହିଳା ଆଥଲେଟ୍ ଆଖ୍ୟା ଅର୍ଜନ କରିଛନ୍ତି । ଅନ୍ୟ ସ୍ୱର୍ଣ୍ଣ ପଦକ ମଧ୍ୟରେ ଓଁକାର ପ୍ରସାଦ ନନ୍ଦ ୧୯.୯୬ ମିଟର ଥ୍ରୋ ସହିତ ପୁରୁଷ ସଟପୁଟ ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲେ । ପୁରୁଷ ୧୧୦ ମିଟର ବାଧା ଦୌଡ଼ରେ ସନ୍ଦୀପ ଗୋଣ୍ଡ (୧୪.୦୨ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିଭଳି ମହିଳା ୮୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିଶାନ୍ ନିଜର ଛାପ ଛାଡିବା ସହିତ (୨: ୧୪.୪୪ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ରୌପ୍ୟ ପଦକ ବିଜେତାମାନଙ୍କ ମଧ୍ୟରେ ସବିତା ଟପ୍ପୋ ମହିଳା ୧୦୦ ମିଟର ଦୌଡ଼ରେ (୧୪.୧୭ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିଭଳି ୪୦୦ ମିଟର ଦୌଡ଼ରେ (୪୬.୯୭ ସେକେଣ୍ଡ) ରେ ଆସ୍ତିକ ପ୍ରଧାନ ରୌପ୍ୟ ପଦକ ଜିତିଛନ୍ତି । ସେହିଭଳି ବ୍ରୋଞ୍ଜ ପଦକ ବିଜେତାମାନଙ୍କ ମଧ୍ୟରେ ପୁରୁଷ ଜାଭେଲିନ୍ ଥ୍ରୋରେ ଋଷଭ ଗିରି (୬୯.୮୩ ମିଟର) ଏବଂ ୧୬ ବର୍ଷରୁ କମ ପୁରୁଷ ବର୍ଗରେ ୬୦୦ ମିଟର ଦୌଡ଼ରେ ଅନି ସାଲବାମ୍ (୧: ୨୨.୫୦ ସେକେଣ୍ଡ) ପଦକ ସ୍ଥାନରେ ରହିଥିଲେ । ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ମାର୍ଟିନ ଓୱେନ୍ସ ଖେଳାଳିଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରି କହିଛନ୍ତି, 'ଏହି ସଫଳତା ସେମାନଙ୍କର ଉତ୍ସର୍ଗୀକୃତ ସାଧନା ଏବଂ ପ୍ରସ୍ତୁତିର ଫଳ । ଦଳର ସମର୍ଥନ ଏବଂ ଆଥଲେଟମାନଙ୍କ କଠିନ ପରିଶ୍ରମ ହିଁ ଏହି ଉତ୍ତମ ପ୍ରଦର୍ଶନ ସମ୍ଭବ କରିଛି ।'

# ଇକୋର୍ସା ମଞ୍ଚେଶ୍ୱର ଦ୍ୱାରା ଆନ୍ତ-ସପ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ (ଇକୋର୍ସା)/ ମଞ୍ଚେଶ୍ୱର ସ୍ୱାରୀ ଡବା ମରାମତି କାରଖାନା / ମଞ୍ଚେଶ୍ୱର ଦ୍ୱାରା ୯ ଏବଂ ୧୦ ଡିସେମ୍ବର ୨୦୨୪ ରେ ମଞ୍ଚେଶ୍ୱରର ଚାଇଲ୍ଡ ପାର୍କରେ ଏହାର କର୍ମଚାରୀଙ୍କ ମଧ୍ୟରେ ଇଣ୍ଟର-ସପ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଯାଇଛି । ଶେଷ ଦିନରେ ମହିଳା କର୍ମଚାରୀଙ୍କ ପାଇଁ ଏକ ଥ୍ରୋ ବଲ୍ ମ୍ୟାଚ୍ ମଧ୍ୟ ଆୟୋଜିତ ହୋଇଥିଲା । ଯେକୌଣସି ବୟସରେ ବ୍ୟାୟାମର ଉତ୍ତମ ଲାଭକୁ ଉତ୍ସାହିତ କରିବା ପାଇଁ ୪୫ ବର୍ଷରୁ ଅଧିକ ପୁରୁଷ ଏବଂ ମହିଳାଙ୍କ ପାଇଁ ଏକ ଦୌଡ଼-କୁଦ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା । ଫାଇନାଲ ମ୍ୟାଚର ମୁଖ୍ୟ ଅତିଥି ତଥା ମୁଖ୍ୟ ୱାର୍କସପ୍ ପ୍ରବନ୍ଧକ ଓ ମଞ୍ଚେଶ୍ୱର ଇକୋର୍ସାର ଅଧ୍ୟକ୍ଷ ଅମିତ ସିହ୍ନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀଙ୍କ ପାଇଁ ଭାଗିଦାରୀ ପାଇଁ ଖୁସି ବ୍ୟକ୍ତ କରିଛନ୍ତି ଏବଂ କହିଛନ୍ତି ଯେ ଖେଳ ଖେଳିବା ଆମର ଜୀବନଶୈଳୀ ହେବା ଉଚିତ୍ । ଆମର ଦୈନନ୍ଦିନ ଜୀବନରେ କ୍ରୀଡ଼ା ଅନ୍ତର୍ଭୁକ୍ତ କରିବା ଉଚିତ୍ । ସମସ୍ତ କର୍ମଚାରୀ ଏହି ଟୁର୍ନାମେଣ୍ଟରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଉପମୁଖ୍ୟ ଭଣ୍ଡାର ପ୍ରବନ୍ଧକ ରମେଶ ଏବଂ କ୍ରୀଡ଼ା ଅଧିକାରୀ, ଇକୋର୍ସା / ମଞ୍ଚେଶ୍ୱର ଏସ.ଭି.କେ କିରଣ କୁମାର ଏହି ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିବାବେଳେ ସମସ୍ତ ବିଭାଗୀୟ ଅଧିକାରୀ ମ୍ୟାଚ୍ ସମୟରେ ଉପସ୍ଥିତ ଥିଲେ । କର୍ମଶାଳା ସହାୟତା କର୍ମଚାରୀ (ଡବ୍ଲୁଏସଏସ) ଟିମ୍ ଫାଇନାଲ୍ ମ୍ୟାଚ୍‌ରେ ବିଜୟୀ ହୋଇଥିଲା ।

## ଜାତୀୟ ସବ୍ ଜୁନିୟର କରାଟେ ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲା କରାଟେ ସଂଘର ଅଂଶଗ୍ରହଣ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଡାଲକୋଟରା ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଉପ କନିଷ୍ଠ କରାଟେ ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାରୁ ୪ଜଣ କରାଟେକା ଅଂଶ ଗ୍ରହଣ କରିବେ । ଏହି ପ୍ରତିଯୋଗିତା ଡିସେମ୍ବର ୧୪ ଓ ୧୫ ତାରିଖ ୨ଦିନ ଧରି ଅନୁଷ୍ଠିତ ହେବ । ବଲାଙ୍ଗିର କରାଟେ ସ୍କୁଲରୁ କ୍ରେୟାଂଶ ଲେଙ୍କା, ଆନନ୍ଦିତା ସାହୁ, ଲେକେଶ ନାଗ ଓ ଟିଟିଲାଗଡ଼ରୁ ଅଂଶୁମାନ ପୃଷ୍ଟି ଭାଗ ନେବେ । ଦଳ ସହିତ ଜିଲ୍ଲା ସଂପାଦକ ହୃଦୟ ଶବର ଓ ଉପସଭାପତି ସୁରେଶ ଚନ୍ଦ୍ର ଜାଲ ଦିଲ୍ଲୀ ଯାତ୍ରା କରିଥିବା ବେଳେ ବଲାଙ୍ଗିର ଜିଲ୍ଲା କରାଟେ ସଂଘର ସଭାପତି ଦେବଦତ୍ତ ବେହେରା, ଉମେଶ ନନ୍ଦ, ଉପଦେଷ୍ଟା ମାନୁଏଲ ନାଗ, ସହ ସଂପାଦକ ସରୋଜକାନ୍ତ ବେହେରା, କୋଷାଧ୍ୟକ୍ଷ ଗୋପାଲ ଦୀପ, ସଚିଦାନନ୍ଦ ବାଗ, କରାଟେ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ଓ ଅଭିଭାବକମାନେ ଅଭିନନ୍ଦନ ଜଣାଇଛନ୍ତି ।

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR

E-590

Letter No 5431 /CDM&PHO, Jagatsinghpur, Dt 11 / 12 //2024

QUOTATION/TENDER CALL NOTICE

Sealed quotations/tenders are invited from interested reputed Travel Agencies/ Tour Operators/ Private Individuals for providing 01(one) no of AC Disel driven commercial vehicle (TUV300/Bolero/Sumo Gold/Ertiga etc) preferably BS-VI emission compliant having sitting capacity not more than 7 including driver for mobility purpose of the Food Safety Enforcement Staffs solely for enforcement work of Food Safety activities in Jagatsinghpur district on monthly rent basis: The Last date for submission of tender document is 24.12.2024 up to 1 PM which should reach to the O/o the CDM&PHO, Jagatsinghpur through Registered/ Speed Post/Courier only. For details of the tender please visit Jagatsinghpur district website https://jagatsinghpur.odisha.gov.in.

Sd/- Dr Raghunath Naik
Chief District Medical & Public Health Officer
Jagatsinghpur

OIPR-10043/11/0011/2425

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

CAD-1870

ପତ୍ର ସଂଖ୍ୟା ୩୪୧୨୮ / ଭୁ.ଉ.କ., ଭୁବନେଶ୍ୱର KL-16/84 **ସୂଚନା** ତା ୦୬.୧୨.୨୦୨୪ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଖୋର୍ଦ୍ଧା ହାଉସିଂ ସ୍କିମ୍, ମୌଜା- ଜଜାରସିଂହ, ଖୋର୍ଦ୍ଧା ଅନ୍ତର୍ଗତ ଗୃହ ନଂ- E-14 କୁ **ଶ୍ରୀ ରାଧାକାନ୍ତ ପଟ୍ଟନାୟକ, ପିତା-ସ୍ୱର୍ଗତ ପତିତପାବନ ପଟ୍ଟନାୟକ, ଗ୍ରାମ/ପୋଷ୍ଟ-କୁଦିଆରୀ, ଥାନା-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା,** ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ **ରାଧାକାନ୍ତ ପଟ୍ଟନାୟକ** ଗତ ତା-୧୭.୦୫.୨୦୨୧ରିଖରେ ମୃତ୍ୟୁବରଣ କରିଅଛନ୍ତି । **(Death certificate No.**4965/2021 dated 31.05.2021).

**Legal heir certificate No. E-LHC**/2021/128405 **dated 18.10.2021** ଅନୁଯାୟୀ **ରାଧାକାନ୍ତ ପଟ୍ଟନାୟକଙ୍କର** ଉତ୍ତରାଧିକାରୀ (୧) ନମିତା ପଟ୍ଟନାୟକ (ସ୍ତ୍ରୀ), (୨) ପ୍ରତିକ ପଟ୍ଟନାୟକ (ପୁତ୍ର) ଓ (୩) ସାର୍ଥକ ପଟ୍ଟନାୟକ (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0202/2425

# ସମାଲୋଚକଙ୍କ ଶିକାର ହେଲେ ନବୀନ ଉଲ୍ ହକ୍

**ନୂଆଦିଲ୍ଲୀ**

ବିରାଟ କୋହଲିଙ୍କ 'ପ୍ରତିଦ୍ୱନ୍ଦ୍ୱୀ' ନବୀନ-ଉଲ-ହକ ଏବେ ଟ୍ରେଣ୍ଡରେ ଅଛନ୍ତି । ଆଫଗାନିସ୍ତାନ ବନାମ ଜିମ୍ବାୱେ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍ ନବୀନ ଉଲ ହକଙ୍କ ପାଇଁ ଏକ 'କଳା' ଦିନଠାରୁ କମ ନୁହେଁ, କାରଣ ସେ ଏକ ଓଭରରେ ୧୩ ଟି ବଲ ବୋଲିଂ କରିଥିଲେ ଏବଂ ଆଫଗାନିସ୍ତାନ ଏହି ମ୍ୟାଚ ଜିତିବା ପରେ ହାରିଯାଇଥିଲା ।

ହରାରେ ସ୍ପୋର୍ଟସ କ୍ଲବ୍‌ରେ ଖେଳାଯାଇଥିବା ପ୍ରଥମ ଟି -୨୦ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ଜିମ୍ବାୱେ ବିପକ୍ଷରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପ୍ରଥମ ମ୍ୟାଚ୍ ଚାରି ୱିକେଟ ହରାଇବା ପରେ ରସିଦ ଖାନଙ୍କ ଦଳ ସିରିଜରେ ୦-୧ ତଳକୁ ଖସି ଆସିଛି । ଏହି ମ୍ୟାଚରେ ନବୀନ ଉଲ ହକ ଆରମ୍ଭରୁ ଚମତ୍କାର ବୋଲିଂ କରୁଥିଲେ, କିନ୍ତୁ ଗୋଟିଏ ଓଭରରେ ସେ ସମାଲୋଚକଙ୍କ ଶିକାର ହୋଇଥିଲେ ।

ସୂଚନାଯୋଗ୍ୟ, ଜିମ୍ବାୱେ ଗସ୍ତରେ ଯାଇଥିବା ଆଫଗାନିସ୍ତାନ ଦଳକୁ ପ୍ରଥମ ଟି -୨୦ ମ୍ୟାଚରେ ପରାଜୟର ସାମ୍ନା କରିବାକୁ ପଡିଥିଲା । ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ଦଳ ୨୦ ଓଭରରେ ୬ ୱିକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଜିମ୍ବାୱେ ଦଳ ଟାର୍ଗେଟକୁ ଗୋଡାଇବା ବେଳେ ଖରାପ ଆରମ୍ଭ କରିଥିଲା । ୧୪ ଓଭର ଖେଳ ପର୍ଯ୍ୟନ୍ତ ଦଳ ୨ ୱିକେଟ ହରାଇବା ପରେ ୮୮ରନ ସ୍କୋର କରିବାରେ ସକ୍ଷମ ହୋଇଥିଲା ଏବଂ ଗତ ୬ ଓଭରରେ ୫୭ ରନ ଆବଶ୍ୟକ କରିଥିଲା । ଏହି ସମୟରେ ଲାଗୁଥିଲା ଯେ ଏହି ମ୍ୟାଚ୍



ଆଫଗାନିସ୍ତାନର ବ୍ୟାଗ୍‌ରେ ଅଛି, କିନ୍ତୁ ନବୀନ ଉଲ ହକ ଏମିତି ଏକ ଭୁଲ କରିଛନ୍ତି ଯାହା ପରେ ମ୍ୟାଚର ଗତିପଥ ବଦଳି ଯାଇଛି ।

ନବୀନ ଉଲ ହକ ମ୍ୟାଚରେ ଇନିଂସର ୧୫ତମ ଓଭର ବୋଲିଂ କରିବାକୁ ଆସିଥିଲେ ଏବଂ ଏହି ଓଭରରେ ସେ ୬ ୱାଇଡ ବୋଲିଂ କରି ୧୯ ରନ ଦେଇଥିଲେ । କ୍ୟାପଟେନ ସିକନ୍ଦର ରଜା ତାଙ୍କ ସାମ୍ନାରେ ଉପସ୍ଥିତ ଥିଲେ । ନବୀନ ଓଭରର ତୃତୀୟ ବଲରେ ନୋ ବଲ ବୋଲିଂ କରି ଏହାର ସୁଯୋଗ ନେଇ ସିକନ୍ଦର ଚାରିଟି ଛକା ମାରିଥିଲେ । ତା'ପରେ ଫ୍ରି ହିଟର ଝଟ୍‌କାକୁ ଏଡ଼ାଇବା ପାଇଁ ନବୀନ ଗୋଟିଏ ପରେ ଗୋଟିଏ ୱାଇଡ ବଲ ବୋଲିଂ କରିଥିଲେ । ପ୍ରଥମ ଦୁଇଟି ଲିଗାଲ ବଲ ବୋଲିଂ କରିବାକୁ ତାଙ୍କୁ ୮ ଥର ବୋଲିଂ କରିବାକୁ ପଡିଲା । ଶେଷରେ, ସିକନ୍ଦର ଫ୍ରି ହିଟ ଉପରେ ଚାରିଟି ଛକା ମାରି ନୋ ବଲରେ ୨ରନ ସ୍କୋର କରିଥିଲେ । ତେବେ ସିକନ୍ଦର ପୁନର୍ବାର ଗୁରୁବାଜଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ ।

ଶେଷ ୩ ବଲକୁ ବୋଲିଂ କରିବାକୁ ନବୀନ ଗୋଟିଏ ୱାଇଡ ସହିତ ୪ଥର ବୋଲିଂ କରିଥିଲେ ଏବଂ ଏହିପରି ଏକ ଓଭର ଶେଷ କରିବାକୁ ତାଙ୍କୁ ୧୩ଟି ବଲ ଲାଗିଥିଲା । ଯଦି ଆମେ ମ୍ୟାଚ୍ ବିଷୟରେ କଥା ହେବା, ଜିମ୍ବାୱେ ଶେଷ ବଲରେ ଏକ ରୋମାଞ୍ଚକର ବିଜୟ ପଞ୍ଜିକରଣ କରି ଆଫଗାନିସ୍ତାନକୁ ପରାସ୍ତ କରି ସିରିଜରେ ୧-୦ ଅଗ୍ରଣୀ ହାସଲ କରିଥିଲା । ବିରାଟ କୋହଲି ଏବଂ ନବୀନ ଉଲ ହକ ଆଇପିଏଲରେ ଝଗଡ଼ା କରିଥିଲେ ।

ଆଇପିଏଲ ୨୦୨୪ରେ ବିରାଟ କୋହଲି ଏବଂ ନବୀନ ଉଲ ହକଙ୍କ ମଧ୍ୟରେ ଜୋରଦାର ଝଗଡ଼ା ହୋଇଥିଲା । ଆରସିବି ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟସ ମଧ୍ୟରେ ଖେଳାଯାଇ ଥିବା ମ୍ୟାଚ୍ ସମୟରେ ନବୀନ ଏବଂ କୋହଲି ପଡ଼ିଆ ମଝିରେ ପରସ୍ପର ସହ ସଂଘର୍ଷ କରିଥିଲେ । ଏହି ମ୍ୟାଚ୍‌କୁ ନେଇ ଅନେକ ସମାଲୋଚନା କରାଯାଇ ଥିଲା । ତେବେ ଉଭୟ ଭେଟେରାନ ଖେଳାଳି ପରସ୍ପରକୁ ଆଲିଙ୍ଗନ କରି ଲଢେଇ ଶେଷ କରିବା ପରେ ଏହି ମାମଲା ଶାନ୍ତ ହୋଇଯାଇଥିଲା ।

## ଭାରତୀୟ ମହିଳା କ୍ରିକେଟ୍ ଦଳର ମ୍ୟାଚ୍ ଫି'ର ୧୦% ଜରିମାନା କଲା ଆଇସିସି

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ଗସ୍ତରେ ଚାଲିଥିବା ଦିନିକିଆ ସିରିଜ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ପରାଜୟର ସମ୍ମୁଖୀନ ହୋଇଛି । ଭାରତୀୟ ମହିଳା ଦଳ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଗୋଟିଏ ବି ମ୍ୟାଚ୍ ଜିତିପାରିନାହିଁ । ୩-୦ କ୍ଲିନ ସ୍ୱିପ୍ କରିଛି ଆୟୋଜକ ଅଷ୍ଟ୍ରେଲିଆ । ପର୍ଥରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍ ବଳରେ ୨୯୮ ରନ୍ ସ୍କୋର କରିଥିଲା । ଏହାର ଜବାବରେ ଭାରତୀୟ ଦଳ ୪୫.୧ ଓଭରରେ ୨୧୫ ରନ ସ୍କୋର କରିପାରିଥିଲା । ଏହି ପରାଜୟ ପରେ ବି ଟିମ୍ ଇଣ୍ଡିଆକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି । ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ସ୍ଲୋ ବୋଲିଂ ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳକୁ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି । ଆଇସିସି ମ୍ୟାଚ୍ ରେଫରି ଡେଭିଡ ଗିଲବର୍ଟ ଏହି ପେନାଲ୍ଟି ଲଗାଇଛନ୍ତି । କାରଣ ହରମନପ୍ରୀତ କୌରଙ୍କ ଦଳ ଧାର୍ଯ୍ୟ ସମୟ ମଧ୍ୟରେ ଦୁଇ ଓଭର କମ୍ ବୋଲିଂ କରିଥିଲେ ।

ଆଇସିସି ବିବୃତ୍ତିରେ କୁହାଯାଇଛି ଯେ ଭାରତୀୟ ଅଧିନାୟକ ହରମାନପ୍ରୀତ କୌର ଏହି ତ୍ରୁଟିକୁ ସ୍ୱୀକାର କରିଛନ୍ତି । ଏବଂ ପ୍ରସ୍ତାବିତ ଦଣ୍ଡକୁ ମଧ୍ୟ ଗ୍ରହଣ କରିଛନ୍ତି । ତେଣୁ ଆନୁଷ୍ଠାନିକ ଶୁଣାଣି କରିବାର କୌଣସି ଆବଶ୍ୟକତା ନାହିଁ । ଫିଲ୍ଡ ଅମ୍ପାୟାର କ୍ଲେୟାର ପୋଲୋସାକ ଏବଂ ଡୋନୋଭାନ କୋଚ, ତୃତୀୟ ଅମ୍ପାୟାର ଜ୍ୟାକଲିନ ୱିଲିୟମ୍‌ସ ଏବଂ ଚତୁର୍ଥ ଅମ୍ପାୟାର ଡେଭିଡ ଟେଲର ଏହି ଅଭିଯୋଗ କରିଛନ୍ତି । ଆଇସିସି ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ, ସର୍ବନିମ୍ନ ଓଭର-ରେଟ୍ ପାଳନ ନକଲେ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ସେମାନଙ୍କ ମ୍ୟାଚ୍ ଫି'ର ସର୍ବନିମ୍ନ ପାଞ୍ଚ ପ୍ରତିଶତ ଜରିମାନା ଆଦାୟ କରାଯାଏ ।

ସୂଚନାଯୋଗ୍ୟ ବ୍ରିସବେନରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ମଧ୍ୟ ଭାରତୀୟ ଦଳକୁ ଏକ ବଡ଼ ପରାଜୟର ସାମ୍ନା କରିବାକୁ ପଡିଥିଲା । ଭାରତ ବିପକ୍ଷ ଦିନିକିଆରେ ଅଷ୍ଟ୍ରେଲିଆ ସର୍ବାଧିକ ୩୭୧ ସ୍କୋର କରିଥିଲା । ଏହାର ଜବାବରେ ଭାରତ ମାତ୍ର ୨୪୯ ରନ୍ ସ୍କୋର କରି ୧୨୨ ରନର ବ୍ୟବଧାନରେ ହାରିଥିଲା । ତୃତୀୟ ମ୍ୟାଚ୍ ହାରିବା ସହିତ ଟିମ୍ ଇଣ୍ଡିଆକୁ କ୍ରମାଗତ ସପ୍ତମ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି ।





# ନବୀନଙ୍କୁ ଭେଟିଲେ ପୂର୍ବତନ ବ୍ୟାଡମିଣ୍ଟନ ଖେଳାଳି ପି. ଗୋପୀଚାନ୍ଦ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ବିଶିଷ୍ଟ ପୂର୍ବତନ ବ୍ୟାଡମିଣ୍ଟନ ଖେଳାଳି ପି. ଗୋପୀଚାନ୍ଦ। ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟନ ଅବସରରେ ଭୁବନେଶ୍ୱର ଆସିଥିବା ବେଳେ ନବୀନଙ୍କୁ ଗୋପୀଚାନ୍ଦ ଭେଟିଛନ୍ତି ଓ କୃତଜ୍ଞତା ଜଣାଇଛନ୍ତି। ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ହିଁ ଭୁବନେଶ୍ୱରରରେ ବ୍ୟାଡମିଣ୍ଟନ ହାଇପରଫର୍ମାନସ ସେଣ୍ଟର ପ୍ରତିଷ୍ଠା ହୋଇଛି। ରାଜ୍ୟରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ଏହା ଥିବା ବିଜେଡି ସରକାରର ଅନ୍ୟତମ ଅବଦାନ। ଏହି କଥା ମନେ ପକାଇ ଦେଇ ବିଜେଡି କହିଛି, କଳିଙ୍ଗ ଷ୍ଟାଡିୟମ ପରିସରରେ ଯେଉଁ ସଟଲ୍ ଆକୃତିର ହାଇପରଫର୍ମାନ୍ସ ସେଣ୍ଟର ଝଲମଲ୍ କରୁଛି, ନବୀନ ପଟ୍ଟନାୟକଙ୍କ ଯୋଗୁଁ ତାହା ସମ୍ଭବ ହୋଇଛି। ଏହାର ନିର୍ମାଣ ପାଇଁ ୨୦୧୮ ରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୨୦୧୯ରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଣ୍ଟରର ପରିଚାଳନା ଓ କୋଚିଂ ଦାୟିତ୍ୱ ଗୋପୀଚାନ୍ଦ ନେବେ ବୋଲି ସ୍ଥିର ହୋଇଥିଲା। ଏହି ହାଇପରଫର୍ମାନ୍ସ ସେଣ୍ଟରରେ ୮ ଟି ଆନ୍ତର୍ଜାତିକ ମାନର ବ୍ୟାଡମିଣ୍ଟନ କୋର୍ଟ । ୫୦୦ ଦର୍ଶକ ବସିବା କ୍ଷମତା ସହ କ୍ୟାଫେଟେରିଆ, ଜିମ୍ ଓ ରେଷ୍ଟ ରୁମ୍ ରହିଛି । ନବୀନ ସରକାର ଏଥିପାଇଁ ୩ ଏକର ଜମି ଓ ୫୫ କୋଟି ଟଙ୍କା ପ୍ରଦାନ କରିଥିଲେ। ନବୀନ ପଟ୍ଟନାୟକଙ୍କ ଅନୁରୋଧରେ ଗୋପୀଚାନ୍ଦ ନିଜେ ଏହି ହାଇପରଫର୍ମାନ୍ସ ସେଣ୍ଟରର ବୈଷୟିକ ନିର୍ମାଣର ତଦାରଖ କରୁଥିଲେ। ୨୦୨୪ ପ୍ରଥମାର୍ଦ୍ଧରେ ଏହାର ନିର୍ମାଣ କାମ ଶେଷ ହୋଇଥିଲା। ଏଠାରେ ଉଦୀୟମାନ ବ୍ୟାଡମିଣ୍ଟନ ଖେଳାଳିଙ୍କୁ ଟ୍ରେନିଂ ଦିଆଯିବ। ଗୋପୀଚାନ୍ଦ ଏହାର ପ୍ରତ୍ୟକ୍ଷ ଭାବେ ତତ୍ତ୍ୱବଧାନ କରିବେ।

## ଓଡ଼ିଶାର ପ୍ରଥମ ବିଜେପି ସରକାରଙ୍କ ୬ ମାସ ପୂର୍ତ୍ତି

# ପ୍ରଥମ ୬ ମାସରେ ନିଆଯାଇଛି ବହୁ ଐତିହାସିକ ନିଷ୍ପତ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଥମ ଥର ପାଇଁ ରାଜ୍ୟରେ ଦାୟିତ୍ୱ ନେଇଥିଲା ବିଜେପି ସରକାର। ପ୍ରଥମ ଦିନରୁ ହିଁ ବଡ଼ ନିଷ୍ପତ୍ତି ନେଇ ଓଡ଼ିଶାବାସୀଙ୍କ ପ୍ରତି ନିଜ ପ୍ରତିବଦ୍ଧତାର ପରିଚୟ ଦେଇଥିଲେ ମୋହନ ମାଝିଙ୍କ ସରକାର। ଶପଥ ଗ୍ରହଣ ପରେ ଅନୁଷ୍ଠିତ ପ୍ରଥମ ମନ୍ତ୍ରୀ ପରିଷଦ ବୈଠକରେ ଏକାଧିକ ନିଷ୍ପତ୍ତି ଉପରେ ବାଜିଥିଲା ମୋହର। ନିର୍ବାଚନ ସଂକଳ୍ପ ପତ୍ରର ପ୍ରତିଶ୍ରୁତି ଅନୁଯାୟୀ ସରକାର ଗଠନ ପରଦିନ ହିଁ ଭକ୍ତଙ୍କ ପାଇଁ ଖୋଲିଥିଲା ଶ୍ରୀମନ୍ଦିର ୪ ଦୁଆର। ଏହାଛଡ଼ା ୩୯ ବର୍ଷ ପରେ ଶ୍ରୀମନ୍ଦିର ଭିତର ରତ୍ନ ଭଣ୍ଡାର ଖୋଲି କୋଟି କୋଟି ଭକ୍ତଙ୍କର ଦୀର୍ଘ ଦିନର ଦାବି ପୂରଣ କରିଥିଲେ ବିଜେପି ସରକାର। ନିର୍ବାଚନ ବେଳେ ବି ଏହା ଥିଲା ବିଜେପିର ବଡ଼ ସଂକଳ୍ପ । ସେହିପରି ବିଜେପିର ସୁଭଦ୍ରା ସଂକଳ୍ପ ଗତ ନିର୍ବାଚନରେ ସାଜିଥିଲା ଗେମ ଚେଞ୍ଜର। ଆଉ ସରକାରକୁ ଆସିବା ପରେ ଏହି ଯୋଜନା ଉପରେ ଲଗାଇଥିଲା ମୋହର। କୋଟିଏରୁ ଅଧିକ ମହିଳାଙ୍କ ମୁହଁରେ ହସ ଫୁଟାଇଛି ବିଜେପି ସରକାରର ସୁଭଦ୍ରା ଯୋଜନା। ବର୍ଷକୁ ଦୁଇ ଥରରେ ୧୦ ହଜାର କରି ୫ ବର୍ଷରେ ସୁଭଦ୍ରା ହିତାଧିକାରୀଙ୍କ ଖାତାକୁ ଯିବ ୫୦ ହଜାର ଟଙ୍କା। ନିଜେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଆସି କରିଥିଲେ ଏହି ଯୋଜନାର ଶୁଭାରମ୍ଭ। ଗତ ୬ ମାସରେ ବିଜେପି ସରକାରର ଆଉ ଏକ ବଡ଼ ମାଷ୍ଟର ଷ୍ଟ୍ରୋକ୍ ଥିଲା ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ନିଷ୍ପତ୍ତି। ଅର୍ଥାତ ଓଡ଼ିଶା ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ମିଳିବ ୩୧ ଶହ ଟଙ୍କା। ଗତ ୮ ତାରିଖରେ ବରଗଡ଼ ସୋହେଲାରୁ ଏହାର ଶ୍ରୀଗଣେଶ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେଉଁ ସଂକଳ୍ପ ପତ୍ର ଆଧାରରେ ବିଶ୍ୱାସ କରି ଲୋକ ଆମକୁ ଭୋଟ ଦେଇଥିଲେ, ତାହା ପୂରଣ କରିବା ଦିଗରେ କାମ କରୁଛନ୍ତି ଆମ ସରକାର। ଆମେ ୬ ମାସରେ ଯେଉଁ ଛାପ ଛାଡ଼ିଛୁ ୨୪ ବର୍ଷର ସରକାରରେ ତାହା ସମ୍ଭବ ହୋଇଥିଲା କି ନାହିଁ ସନ୍ଦେହ। ଏ ତିନିଟି ବଡ଼ ନିଷ୍ପତ୍ତି ବ୍ୟତୀତ ରାଜ୍ୟବାସୀଙ୍କ ସ୍ୱାର୍ଥରେ ଏକାଧିକ ପଦକ୍ଷେପ ଏହି ୬ ମାସ ଭିତରେ ନେଇଛନ୍ତି ଡବଲ ଇଞ୍ଜିନ ସରକାର। ରାଜ୍ୟରେ ଖାଲି ଥିବା ୧୬ ହଜାର ଶିକ୍ଷକ ନିଯୁକ୍ତି, ଆଦିବାସୀ ଛାତ୍ରଛାତ୍ରୀଙ୍କର ସ୍କୁଲ ଡ୍ରପ ଆଉଟ ହ୍ରାସ ପାଇଁ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଆରମ୍ଭ, ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାଗୁଡ଼ିକରେ ସ୍ୱଚ୍ଛତା ଆଣିବା ଲାଗି ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଧେୟକ ଆଣିବା ପରି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏହି ୬ ମାସ ଭିତରେ ନିଆଯାଇଛି। ଏହା ବ୍ୟତୀତ ଦୁର୍ନୀତି ବିରୋଧରେ କଠୋର ଆଭିମୁଖ୍ୟ ନେଇଛନ୍ତି ବିଜେପି ସରକାର। ଗତ ୬ ମାସରେ ୯୦ ଅଧିକ ସରକାରୀ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ଦାୟର କରିଛି ମାମଲା। ସେହିପରି ବେଆଇନ୍ ମଦ କାରବାର ବିରୋଧରେ କଠୋର ଆଭିମୁଖ୍ୟ ନେଇଛନ୍ତି ଡବଲ ଇଞ୍ଜିନ ସରକାର। ବେଆଇନ୍ ମଦ ଭାଟିଗୁଡ଼ିକ ଉପରେ ଚଡଉ କରିବା ସହ ବୁଲଡୋଜର ଲଗାଇ ମଦଭାଟି ଭାଙ୍ଗି ଖୁବ୍ ପ୍ରଶଂସା ସାଉଁଟିଛନ୍ତି ରାଜ୍ୟ ସରକାର। ଏହା ବାଦ୍ ଦାଦନ ସମସ୍ୟାର ସମାଧାନ ପାଇଁ ଟାସ୍କ ଫୋର୍ସ, ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ ଗଠନ କରିବା ବିଜେପି ସରକାରଙ୍କ ୬ ମାସର ବଡ଼ ଉପଲବ୍ଧି ମଧ୍ୟରେ ଅନ୍ୟତମ। ଡବଲ ଇଞ୍ଜିନ ସରକାର ଆସିବା ପରେ ଅନେକ ଜାତୀୟ ସ୍ତରର ଇଭେଣ୍ଟ ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ହୋଇଛି। ଭୁବନେଶ୍ୱରରେ ୩ ଦିନିଆ ଡିଜି ସମ୍ମିଳନୀ ହେଉ କିମ୍ବା ପୁରୀରେ ନୌସେନା ଦିବସ। ଏସବୁ ରାଜ୍ୟବାସୀଙ୍କ ପାଇଁ ଥିଲା ପ୍ରଥମ ଅନୁଭୁତି। ଜାନୁଆରୀରେ ଓଡ଼ିଶାରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ମଧ୍ୟ ଚରିବାକୁ ଯାଉଛି ନୂଆ ଇତିହାସ। ଏହି ସଫଳତାର ଲମ୍ବା ତାଲିକା ମଧ୍ୟରେ ଗତ ୬ ମାସରେ କିଛି ବିବାଦରେ ବି ଛନ୍ଦି ହୋଇଛନ୍ତି ବିଜେପି ସରକାର। ତେବେ ତାର ସଫଳତାର ସହ ମୁକାବିଲା କରି ଓଡ଼ିଶାବାସୀଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଛନ୍ତି ଡବଲ ଇଞ୍ଜିନ ସରକାର।

# ଉଦ୍‌ଘାଟିତ ହୋଇଥିବା ବ୍ୟାଡ଼ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ନବୀନଙ୍କ ବିକାଶମୂଳକ କାମର ଜ୍ୱଳନ୍ତ ଉଦାହରଣ: ବିଜେଡି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଳିଙ୍ଗ ଷ୍ଟାଡିଅମ ପରିସରରେ ଆଜି ବ୍ୟାଡ଼ମିଣ୍ଟନର ଏକ ହାଇ ପରଫର୍ମାନ୍ସ ସେଣ୍ଟର ଉଦଘାଟିତ ହୋଇଯାଇଛି। ବିଜୁ ଜନତା ଦଳ ତରଫରୁ ଦଳର ମୁଖପାତ୍ର ଓ ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି, ଓଡ଼ିଶାର କ୍ରୀଡା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିଆ ଯାଇଥିବା ପଦକ୍ଷେପ ଯୋଗୁ ଓଡିଶା ଦେଶର କ୍ରୀଡା ହବ ଭାବେ ପରିଚୟ ସୃଷ୍ଟି କରି ପାରିଛି। ନବୀନଙ୍କ ଶାସନ କାଳରେ କ୍ରୀଡା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ହୋଇଥିବା ଅନେକ ବିଶ୍ୱସ୍ତରୀୟ ଭିତ୍ତିଭୂମି ମଧ୍ୟରୁ ଆଜି ଉଦଘାଟିତ ହୋଇଥିବା ହାଇ ପରଫର୍ମାନ୍ସ ସେଣ୍ଟର ଅନ୍ୟତମ। ଉଲ୍ଲେଖଯୋଗ୍ୟ, ୨୦୧୮ ମସିହାରେ ଓଡ଼ିଶା ସରକାରଙ୍କ ସହିତ ଡାଲମିଆ ଭାରତ ଓ ପୁଲେଲା ଗୋପୀଚାନ୍ଦ ବ୍ୟାଡ଼ମିଣ୍ଟନ ଫାଉଣ୍ଡେସନର ଏକ ବିଶ୍ୱସ୍ତରୀୟ ବ୍ୟାଡ଼ମିଣ୍ଟନ ଏକାଡେମୀ ପ୍ରତିଷ୍ଠା କରିବା ପାଇଁ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁସାରେ, ଫେବୃଆରୀ ୨୦୧୯ ମସିହାରେ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ନିର୍ମାଣ ପାଇଁ ରାଜ୍ୟ ସରକାର କଳିଙ୍ଗ ଷ୍ଟାଡିଅମ ପରିସରରେ, ତିନି ଏକର ଜମି ଯୋଗାଇ ଦେଇଥିଲେ। ଏହି ସେଣ୍ଟର ନିର୍ମାଣ କରିବା ପାଇଁ ଡାଲମିଆ ଭାରତ ତରଫରୁ ୫୫ କୋଟି ଟଙ୍କାରେ ନିର୍ମାଣ ହେବ ବୋଲି ଅଟକଳ ହୋଇଥିବା ବେଳେ, ବ୍ୟାଡ଼ମିଣ୍ଟନର ଜାତୀୟ କୋଚ ତଥା କିମ୍ବଦନ୍ତୀ ବ୍ୟାଡ଼ମିଣ୍ଟନ ବ୍ୟକ୍ତିତ୍ୱ ପୁଲେଲା ଗୋପୀଚାନ୍ଦ ଏହି ସେଣ୍ଟରର ପରିଚାଳନା ଓ କୋଚିଂ ପ୍ରଦାନ କରିବେ ବୋଲି ଚୁକ୍ତିରେ ସ୍ଥିର କରାଯାଇଥିଲା। ଏଥିରେ, ଆଠଟି ବ୍ୟାଡ଼ମିଣ୍ଟନ କୋର୍ଟ ରହିଥିବା ବେଳେ ୫୦୦ ଦର୍ଶକ ବସିବା ପାଇଁ ବ୍ୟବସ୍ଥା ରହିଛି।

ଡ଼ଃ ମହାନ୍ତି କହିଥିଲେ, ଓଡ଼ିଶାରେ କ୍ରୀଡା ଭିତ୍ତିଭୂମି ନିର୍ମାଣ ହେଉ ବା ଆନ୍ତର୍ଜାତୀୟ ସ୍ତରର କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବା କ୍ଷେତ୍ରରେ ହେଉ, ନବୀନ ସରକାରଙ୍କ କାର୍ଯ୍ୟ ସଦା ସ୍ମରଣୀୟ ହୋଇ ରହିବ। ନବୀନ ସରକାରଙ୍କ ୨୪ ବର୍ଷର ଶାସନ କାଳରେ ଓଡ଼ିଶାରେ କୌଣସି ବିକାଶ ହୋଇନାହିଁ ବୋଲି ଚିତ୍କାର କରି ଆସୁଥିବା ବିଜେପିର ଦୁଇ ମୁଖ୍ୟମନ୍ତ୍ରୀ ଆଜି ନିଶ୍ଚିତ ଭାବେ ନବୀନଙ୍କ ବିକାଶମୂଳକ କାର୍ଯ୍ୟର ଝଲକ ପାଇଥିବେ। ଜଣେ ପ୍ରତୀପକ୍ଷ ଦଳର ବ୍ୟକ୍ତି ଭାବେ ଏ କଥାକୁ ଖୋଲାଖୋଲି ଭାବେ ସ୍ୱୀକାର କରି ପାରୁ ନଥିଲେ ମଧ୍ୟ ନିଜ ମନ ଭିତରେ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିବେ ବୋଲି ଡ଼ଃ ମହାନ୍ତି କହିଛନ୍ତି।

# ପ୍ରବାସୀ ଭାରତୀୟ ଦିବସ: ପୁରୀରେ ୫୧ ହୋଟେଲରେ ରହିବେ ଅତିଥି, ୧୬୦୦ ରୁମ୍ ବୁକ୍

**ପୁରୀ, ନ୍ୟୁଜ ବ୍ୟୁରୋ**



ଆସନ୍ତା ମାସ ୭, ୮ ଓ ୯ ତାରିଖରେ ପ୍ରବାସୀ ଭାରତୀୟ ଦିବସ ପାଳନ କରିବାକୁ ଯାଉଛନ୍ତି ସରକାର । ଏହି ସମୟରେ ପୁରୀକୁ ପ୍ରବାସୀ ଭାରତୀୟଙ୍କ ଆଗମନ ବହୁ ସଂଖ୍ୟାରେ ହେବ । ଏହାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାସୀ ଭାରତୀୟ ଅତିଥିଙ୍କୁ ସ୍ୱାଗତ କରିବା ସହ ପୁରୀର ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ସହ ପରିଚିତ କରାଇବାର ସୁବନ୍ଦୋବସ୍ତ କରାଯାଇଛି । ଏହି ଅତିଥିମାନଙ୍କୁ ହୋଟେଲରେ ରହଣି ସହ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳକୁ ବୁଲାଇ ନେବା ନିମନ୍ତେ ଯୋଜନା ପ୍ରସ୍ତୁତ କରିଛି ପ୍ରଶାସନ। ଏନେଇ ଜିଲ୍ଲା ପ୍ରଶାସନର ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ହୋଇଯାଇଛି । ଏନେଇ ଜିଲ୍ଲାପାଳ କହିଛନ୍ତି, ପୁରୀକୁ ଆସିବାକୁ ଥିବା ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ କରିବା ନିମନ୍ତେ ପ୍ରଶାସନିକ ସମସ୍ତ ବିଭାଗ ଭିତରେ କାର୍ଯ୍ୟ ବଣ୍ଟନ ହୋଇଛି । ସମସ୍ତେ ସମସ୍ତଙ୍କ ଦାୟିତ୍ୱ ନିର୍ବାହ କରିବେ । ଅତିଥିମାନଙ୍କୁ ମୁଖ୍ୟତଃ ଶ୍ରୀମନ୍ଦିର, କୋଣାର୍କ, ରାମଚଣ୍ଡୀ, ସାତପଡ଼ା, ରଘୁରାଜପୁର ପ୍ରଭୃତି ପର୍ଯ୍ୟଟନ ଓ ଐତିହ୍ୟସ୍ଥଳ ବୁଲିବାର ବନ୍ଦୋବସ୍ତ କରାଯାଇଛି । ଅତିଥିମାନଙ୍କ ପୁରୀରେ ରହଣି ନିମନ୍ତେ ୫୧ଟି ହୋଟେଲରେ ୧୬୦୦ ରୁମ୍ ବୁକ୍ କରାଯାଉଛି । ସ୍ଲଟ୍ ବୁକିଂ ଓ ଅନ୍ୟାନ୍ୟ ଅନୁସଙ୍ଗିକ ସୁବିଧା କରିବାକୁ ପର୍ଯ୍ୟଟନ ବିଭାଗ ସହ ଓଟିଡିସି ଦାୟିତ୍ୱ ଦିଆଯାଇଛି । ଭୁବନେଶ୍ୱର ସମେତ ପୁରୀରେ ଏହି ସମୟରେ ଆଦିବାସୀ ମେଳା ଓ ପଲ୍ଲିଶ୍ରୀ ମେଳା କରାଯିବ । ଏଠାରେ ସେମାନେ ରାଜ୍ୟର ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନର ସ୍ଥିତିକୁ ଅନୁଭବ କରିବେ । ଯେପରି ଭଲ ଅନୁଭୂତି ନେଇ ସେମାନେ ଯିବେ ସେଥିନିମନ୍ତେ ନିର୍ଦ୍ଧାରିତ ସମୟ ସୀମା ଭିତରେ ସମସ୍ତ ପ୍ରସ୍ତୁତି କରାଯିବ । ଏନେଇ ପୁରୀ ପର୍ଯ୍ୟଟନ କାର୍ଯ୍ୟାଳୟ ସହକାରୀ ନିର୍ଦ୍ଦେଶକ ସରୋଜ ପ୍ରଧାନ କହିଛନ୍ତି, ପ୍ରବାସୀ ଭାରତୀୟଙ୍କ ରହଣି ନିମନ୍ତେ ପୁରୀ, ଭୁବନେଶ୍ୱର ଓ କଟକରେ ମୋଟ ୩୫୦୦ ରୁମ୍ ବୁକ୍ କରି ରଖାଯାଇଛି। ବୈଦେଶିକ ମନ୍ତ୍ରଣାଳୟକୁ ଏହି ରୁମ୍‌ରେ ବୁକିଂ ଦାୟିତ୍ୱକୁ ଦେଇଦିଆଯାଇଛି । ଅତିଥିମାନେ ବୈଦେଶିକ ମନ୍ତ୍ରଣାଳୟ ଜରିଆରେ ରୁମ୍ ବୁକ୍ କରିବା ପରେ ଆସି ରହିବେ । ସେମାନଙ୍କ ବୁଲିବା ଦାୟିତ୍ୱ ସ୍ଥାନୀୟ ପ୍ରଶାସନ କରିବ । ବିଶେଷ ଭାବେ ଅଳ୍ପ ସମୟ ଭିତରେ ପୁରୀ ଶ୍ରୀମନ୍ଦିର, ବ୍ଲୁ ଫ୍ଲାଗ୍ ବିଚ୍, କୋଣାର୍କ, ରାମଚଣ୍ଡୀ ବିଚ୍, ସାତପଡ଼ା, ରଘୁରାଜପୁର ପ୍ରଭୃତି ସ୍ଥାନ ଯେପରି ପ୍ରବାସୀ ଭାରତୀୟମାନେ ବୁଲି ପାରିବେ ସେଥିନିମନ୍ତେ ପଦକ୍ଷେପ ନିଆଯାଉଛି । ଏହି ସମୟରେ ପ୍ରବାସୀ ଭାରତୀୟଙ୍କୁ ଆମୋଦିତ କରିବାକୁ ପୁରୀ ବେଳାଭୂମିର ବିଭିନ୍ନ ସ୍ଥାନରେ ପଲିଶ୍ରୀମେଳା, ବେଳାଭୂମି ମହୋତ୍ସବ, ବୋଟିଂ ପ୍ରତିଯୋଗିତା, କାଇଟ୍ ଫେଷ୍ଟିଭାଲ୍ ପ୍ରଭୃତିର ଆୟୋଜନ କରାଯିବ । ପ୍ରବାସୀ ଭାରତୀୟମାନେ ଯେପରି ପୁରୀ ତଥା ଆମ ରାଜ୍ୟର ପର୍ଯ୍ୟଟନ ଏବଂ ଐତିହ୍ୟ ଭିତ୍ତିଭୂମିର ଉତ୍ତମ ଅନୁଭୂତି ନେଇ ଫେରିବେ ତାହା ଉପରେ ସତର୍କ ଦୃଷ୍ଟି ଦିଆଯିବ । ସେମାନେ ଭଲ ଅନୁଭୂତି ନେଇ ଗଲେ ଏହା ପରବର୍ତ୍ତୀ ସମୟରେ ପୁରୀ ତଥା ଓଡ଼ିଶାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିରେ ବେଶ ସହାୟକ ହେବ ବୋଲି ଆଶା ରହିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏକ ଦେଶ-ଏକ ନିର୍ବାଚନ...

ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟକୁ ଗତ ସେପ୍ଟେମ୍ବର ୧୮ରେ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିଲା। ୨୦୧୯ରେ ୭୩ ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ବିଷୟରେ କହିଥିଲେ। ସେ କହିଥିଲେ ଯେ ଦେଶର ଏକୀକରଣ ପ୍ରକ୍ରିୟା ସର୍ବଦା ଜାରି ରହିବ। ସେବେଠାରୁ ଅନେକ ଥର ବିଜେପି ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ବିଷୟରେ କହୁଛି। ଏହି ଧାରଣା ଉପରେ ଆଧାରିତ ଯେ ଲୋକସଭା ଏବଂ ଦେଶର ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଏକକାଳୀନ ନିର୍ବାଚନ ହେବା ଉଚିତ୍। ବର୍ତ୍ତମାନ ଲୋକସଭା ଅର୍ଥାତ ସାଧାରଣ ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ପାଞ୍ଚ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେଉଛି। ଭାରତୀୟ ସମ୍ବିଧାନରେ ଏହାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ରାଜ୍ୟର ବିଧାନସଭାର କାର୍ଯ୍ୟକାଳ ବିଭିନ୍ନ ସମୟରେ ସମାପ୍ତ ହୁଏ, ସେହି ଅନୁଯାୟୀ ସେହି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୁଏ। ତଥାପି ଏପରି କିଛି ରାଜ୍ୟ ଅଛି ଯେଉଁଠାରେ ବିଧାନସଭା ଏବଂ ଲୋକସଭା ନିର୍ବାଚନ ଏକ ସମୟରେ ଅନୁଷ୍ଠିତ ହୁଏ। ଏଥିମଧ୍ୟରେ ଅରୁଣାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ସିକ୍କିମ ଭଳି ରାଜ୍ୟ ଅନ୍ତର୍ଭୁକ୍ତ। ଏଥି ସହିତ ରାଜସ୍ଥାନ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଛତିଶଗଡ ଏବଂ ମିଜୋରାମ ଭଳି ରାଜ୍ୟରେ ନିର୍ବାଚନ ଲୋକସଭା ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ହୋଇଥିବାବେଳେ ଲୋକସଭା ନିର୍ବାଚନ ଶେଷ ହେବାର ୬ ମାସ ମଧ୍ୟରେ ହରିୟାଣା, ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନ ପରେ ମହାରାଷ୍ଟ୍ର ଏବଂ ଝାଡଖଣ୍ଡରେ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଦିଲ୍ଲୀରେ ନିର୍ବାଚନ କରିବାକୁ ପ୍ରସ୍ତୁତି ଚାଲିଛି। ସୂଚନାଯୋଗ୍ୟ ସ୍ୱାଧୀନତା ପରେ ୧୯୫୨, ୧୯୫୭, ୧୯୬୨ ଓ ୧୯୬୭ରେ ଦେଶରେ ଏକତ୍ର ବିଧାନସଭା ଓ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଛି । ୧୯୬୮ ଓ ୧୯୬୯ରେ କିଛି ବିଧାନସଭାକୁ ଅବଧି ପୂର୍ବରୁ ଭଙ୍ଗ କରାଯାଇଥିଲା ଓ ୧୯୭୦ରେ ଅବଧି ଶେଷ ପୂର୍ବରୁ ଲୋକସଭା ମଧ୍ୟ ଭଙ୍ଗ ହୋଇଥିଲା। ପରିଣତି ସ୍ୱରୂପ ସାରା ଦେଶରେ ସ୍ୱାଧୀନତା ପରେ ପ୍ରଚଳିତ ଏକ ଦେଶ, ଏକ ନିର୍ବାଚନ ପରମ୍ପରା ଭାଙ୍ଗି ଯାଇଥିଲା। କିନ୍ତୁ ପୁଣିଥରେ ୱାନ ନେସନ, ୱାନ ଇଲେକ୍ସନ ବିଲ୍ ସଫଳତାର ସହ ଗୃହରେ ପାରିତ ସହ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ଆଇନରେ ପରିଣତ ହେଲେ ପୁଣିଥରେ ଏକକ ନିର୍ବାଚନ ଅନୁଷ୍ଠିତ ହେବାର ଆଶା ଉଜ୍ଜୀବିତ ହୋଇଛି।

## ଦଲାଲଙ୍କ ଉପରେ...

ଅଧିକ ଚାଷୀ ଲାଭବାନ ହୋଇପାରିବେ। ଏଣୁ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଦକ୍ଷତାର ସହିତ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବା ଉଚିତ୍ ନୁହେଁ । ରାଜ୍ୟରେ ବର୍ତ୍ତମାନ ବରଗଡ଼, ନୂଆପଡ଼ା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡ଼ା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟ ଆଦି ୯ଟି ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ୯ଟି ଜିଲ୍ଲାର ୩୭,୦୭୯ ଜଣ ଚାଷୀ ୧,୮୧,୧୯୬ ମେଟ୍ରିକଟନ୍ ଧାନ ବିକ୍ରି କରିଛନ୍ତି। ଏହି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟଭାବେ ୩୨୩.୭୩ କୋଟି ଓ ଇନ୍‌ପୁଟ ସହାୟତା ଭାବେ ୧୧୨.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ତ୍ରୁଟିଶୂନ୍ୟ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା ଗ୍ରହଣ, ମନିଟରିଂ, ଚାଷୀଙ୍କ ସମସ୍ୟାର ତୁରନ୍ତ ସମାଧାନ, ଚାଷୀମାନଙ୍କ ପାଇଁ ମଣ୍ଡି ନିକଟରେ କ୍ୟାଣ୍ଟିନ୍, ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ସଶକ୍ତିକରଣ ଆମ ସରକାରର ଦାୟିତ୍ୱ ଏବଂ ଲକ୍ଷ୍ୟ, ଏହାକୁ ଗୁରୁତ୍ୱ ଦେଇ ଆମ ସରକାର କାର୍ଯ୍ୟ କରୁଛନ୍ତି।

## ଖୁବଶୀଘ୍ର ଶ୍ରୀମନ୍ଦିର...

ମହାପ୍ରସାଦ ବିକ୍ରି ହେଉଥିବା ଦୃଷ୍ଟିରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। ଶ୍ରୀମନ୍ଦିର ସେବାୟତ ଓ ମହାସୁଆରମାନେ ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। ଅନ୍ୟପକ୍ଷରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଖୁବଶୀଘ୍ର ଶ୍ରୀମନ୍ଦିର ମହାପ୍ରସାଦର ଦରଦାମ ନିୟନ୍ତ୍ରଣ କରାଯିବ। ରେଟ୍‌ଚାର୍ଟ କଥା ପୂର୍ବରୁ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ଏବେ ଶୁଦ୍ଧ ଘିଅ ବ୍ୟବହାର ପାଇଁ କୁହାଯିବା ପରେ ଯେଉଁ ଯେଉଁ ସମସ୍ୟା ଦେଖାଦେଇଛି ତାହାର କିଭଳି ସମାଧାନ ହେବ ଏବଂ ସେଥିରେ ସମତୁଲତା ଆସିବ ଓ ମହାପ୍ରସାଦ ଦର ଠିକ୍ ଠାକ୍ ରହିଲେ, ଭକ୍ତଙ୍କ ପାଇଁ ମହାପ୍ରସାଦ କିଣିବା ଓ ପାଇବା ସମସ୍ୟା ହେବନି, ସେ ବାବଦରେ ଗମ୍ଭୀରତାର ସହ ଚିନ୍ତା କରାଯାଉଛି । ଖୁବ ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

## ଆମେରିକାର ଡାର୍କ ...

ଏସ-୪୦୦ ଏବଂ ଏସ-୫୦୦ ଭଳି ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାଠାରୁ ଅନେକ ଗୁଣ ଦ୍ରୁତତର ଏବଂ ଉତ୍ତମ ବୋଲି ଆମେରିକା ଦାବି କରିଛି। ଡାର୍କ ଇଗଲର ହାଇପରସୋନିକ ଗ୍ଲାଇଡ୍ ୱାରହେଡ୍ ୫୦ କିଲୋମିଟର ଉଚ୍ଚରେ ୩୦୦୦ରୁ ୩୭୦୦ ମିଟର ପ୍ରତି ସେକେଣ୍ଡ ବେଗରେ ଅଗ୍ରସର ହୋଇଥାଏ ଅର୍ଥାତ ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ଅଥବା ଅନ୍ୟ କୌଣସି ସିଷ୍ଟମ ଏହାକୁ ରୋକିବାକୁ ସୁଯୋଗ ମିଳିବ ନାହିଁ। ଋଷ୍ର କ୍ଷେପଣାସ୍ତ୍ର ପ୍ରତିରୋଧ ବ୍ୟବସ୍ଥା କମ୍ ଉଚ୍ଚତାରେ ଆସୁଥିବା କ୍ଷେପଣାସ୍ତ୍ରକୁ ରୋକିପାରିବ। କିନ୍ତୁ ହାଇପରସୋନିକ ୱାରହେଡ୍‌କୁ ରୋକିପାରିବ ନାହିଁ। ଅନ୍ୟପଟେ ଡାର୍କ ଇଗଲ ସିଷ୍ଟମ ବାଲିଷ୍ଟିକ, କ୍ରୁଜ, ହାଇପରସୋନିକ କ୍ଷେପଣାସ୍ତ୍ର ଏବଂ ୱାରହେଡ୍‌ସକୁ ରୋକିବାର କ୍ଷମତା ରଖିଛି ଅର୍ଥାତ ଏହା ଦୁନିଆର ଯେକୌଣସି ପ୍ରକାର ହାଇପରସୋନିକ ଅସ୍ତ୍ରଶସ୍ତ୍ରକୁ ରୋକିପାରିବ।

## ଇଆରଏସ୍‌ଏସ୍ ସେବା...

ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶାରେ ଗୃହରକ୍ଷୀ ଭାଇମାନେ ଭଲ କାମ କରୁଛନ୍ତି । ସେମାନଙ୍କର ଆର୍ଥିକ ସହାୟତା ରାଶି ବି ବୃଦ୍ଧି କରାଯିବ। ମୁଖ୍ୟମନ୍ତ୍ରୀ ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ଓ ଫାୟାର ସେବା ଯୋଗାଇଦେବା ଲାଗି ଆପାତକାଳୀନ ପ୍ରତିକ୍ରିୟା ସହାୟତା ପ୍ରଣାଳୀ (ଇଆରଏସଏସ)ର ଲୋକାର୍ପଣ କରିଛନ୍ତି। ଗୁରୁବାର ଏହି ସେବା ପ୍ରଦାନକାରୀ ୩୦ଟି ଗାଡ଼ି ଚଳାଚଳର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। କଟକ ଓ ଭୁବନେଶ୍ୱର କମିଶନରେଟ୍ ଅଞ୍ଚଳରେ ଏହି ସୁବିଧା ଉପଲବ୍ଧ ହେବ। କମିଶନରେଟ ପୁଲିସ ପକ୍ଷରୁ ଇଆରଏସଏସ ସେବା ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ଏହି ସେବା ପ୍ରଦାନକାରୀ ୩୦ଟି ଗାଡ଼ି ଚଳାଚଳର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। କଟକ ଓ ଭୁବନେଶ୍ୱର କମିଶନରେଟ୍ ଅଞ୍ଚଳରେ ଏହି ସୁବିଧା ଉପଲବ୍ଧ ହେବ। ୨୦୧୯ ରେ ଲୋକଙ୍କ ସେବା ପାଇଁ ଜରୁରୀକାଳୀନ ପ୍ରଶମନ ସେବା ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଥିବା ବେଳେ ସେବେଠାରୁ ଏହି ଯୋଜନା ଜାରି ରହିଛି । ତେବେ ପୂର୍ବରୁ ୨୦୨୨ରେ ସମୁଦାୟ ବିଭାଗକୁ ୧୦୬ଟି ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ କମିଶନରେଟକୁ ୧୪ଟି ଦିଆଯାଇଥିଲା। ୨୨ ଟି ଭୁବନେଶ୍ୱର ପାଇଁ ୮ ଟି କଟକ ପାଇଁ ରହିଥିଲା। ବର୍ତ୍ତମାନ ଭୁବନେଶ୍ୱରରେ ୪୪ କଟକରେ ୩୧ ଟି ଗାଡ଼ି ମୁତୟନ କରାଗଲା ଯାହାକି ୨୧ ଟି ପିସିଆରକୁ ପ୍ରତିସ୍ଥାପନ କରିବ। ଏହି ଗାଡ଼ିଗୁଡ଼ିକ କେବଳ ଗାଡ଼ି ନୁହେଁ, ନ୍ୟାୟ ଓ ଭୟମୁକ୍ତ ବାତାବରଣର ପ୍ରତୀକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଆଗାମୀ ଦିନରେ ଏହି ଭ୍ୟାନଗୁଡ଼ିକର ସାଇରନ ଅପରାଧୀଙ୍କ ପାଇଁ ସାଜିବ ଭୟର କାରଣ। ଏଥିସହ ଗୃହ ବିଭାଗର ୧୦ ହଜାର ଖାଲି ପଦବୀ ପୂରଣ କରାଯିବ। ବର୍ତ୍ତମାନ ସୁଦ୍ଧା ଅଗ୍ନିଶମ ବିଭାଗର ୨୨ ପ୍ରତିଶତ ପଦବୀ ପୂରଣ କରାଯାଇଛି, ମହିଳା ମାନଙ୍କୁ ନିଯୁକ୍ତି କରଯାଇଛି । ଗୃହ ବିଭାଗରେ ଗୃହରକ୍ଷୀ ନିଯୁକ୍ତି ବନ୍ଦ କରିଥିଲେ ଗତ ସରକାର। ସେ ଫାଇଲ ଆମେ ଖୋଲିଛୁ। ୨୦୨୦ ଗୃହରକ୍ଷୀ ନିଯୁକ୍ତିରେ କଟକଣା ହଟାଯାଇ ଖାଲି ଥିବା ୨୪୧୬ ଗୃହରକ୍ଷୀ ପଦବୀକୁ ୫ ହଜାର ପର୍ଯ୍ୟନ୍ତ ବଢାଯିବ ଓ ସେମାନଙ୍କ ଲାଗି ବୃଦ୍ଧି ହେବ ଆର୍ଥିକ ସହାୟତା ରାଶି । ଏହା ସାଙ୍ଗକୁ ଆଗାମୀ ଦିନରେ ପୁଲିସର ଆତ୍ମବିଶ୍ୱାସ ଓ ସେବାକୁ ବଢ଼ାଇବା ପାଇଁ ସବୁ ପ୍ରକାର ସରଞ୍ଜାମ ଯୋଗାଇ ଦିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

## ଛତିଶଗଡ଼ରେ ...

ନିହତ ହୋଇଥିବା ବସ୍ତର ଆଇଜି ପି. ସୁନ୍ଦରାଜ ସୂଚନା ଦେଇଛନ୍ତି। ଆଇଜି କହିଛନ୍ତି ଯେ, ଚଳିତ ମାସ ୧୦ ତାରିଖରୁ ନାରାୟଣପୁର, ଦନ୍ତେୱାଡା, ଜଗଦଲପୁର ଏବଂ କୋଣ୍ଡାଗାଁବ ଜିଲ୍ଲାରୁ ଜିଲ୍ଲା ରିଜର୍ଭ ଫୋର୍ସ, (ସ୍ପେଶାଲ ଟାସ୍କ ଫୋର୍ସ) ଏବଂ (ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ)ର ମିଳିତ ଟିମ୍ ନକ୍ସଲ ବିରୋଧୀ ଅପରେସନ ଆରମ୍ଭ କରିଛି। ଏମାନଙ୍କୁ ଦକ୍ଷିଣ ଅବୁଝମାଡ଼ ଅଞ୍ଚଳ ଭିତରକୁ ପଠାଯାଇଥିଲା। ଏଠାରେ ନକ୍ସଲମାନେ ଲୁଚି ରହିଥିବା ସୂଚନା ମିଳିଥିଲା। ଗୁରୁବାର ଭୋର ୩ଟା ବେଳେ ସୁରକ୍ଷାବାହିନୀ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଚଳାଇଥିବା ବେଳେ ନକ୍ସଲମାନେ ତାଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଥିଲେ। ଏହା ପରେ ସୁରକ୍ଷା ବାହିନୀ ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଇଥିଲେ। ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏବେବି ଗୁଳି ବିନିମୟ ଜାରି ରହିଛି। ଆଇଜି କହିଛନ୍ତି ଯେ ସୁରକ୍ଷା ବାହିନୀ ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ୭ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରିଛନ୍ତି।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଅମର ଶତପଥୀଙ୍କ ଚିଠି

# ଚଣ୍ଡିଖୋଲରେ ଏକ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ନବୋଦୟ ବିଦ୍ୟାଳୟ ଖୋଲାଯାଉ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଯାଜପୁର ଜିଲ୍ଲା ଅନ୍ତର୍ଗତ ଚଣ୍ଡିଖୋଲ ଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ନବୋଦୟ ବିଦ୍ୟାଳୟ ଖୋଲିବାକୁ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି। ଶ୍ରୀ ଶତପଥୀ ଏହି ପତ୍ରରେ ଦର୍ଶାଇଛନ୍ତି ଯେ, ଆପଣ ନୂତନ ଶିକ୍ଷା ନୀତି-୨୦୨୦ ର ସ୍ଥପତି ଅଟନ୍ତି ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ବିକଶିତ ଭାରତ ପାଇଁ ପ୍ରକୃତ ରୋଡ୍ ମ୍ୟାପ୍ ରୂପେ ବିବେଚିତ ହେଉଛି। ଶିକ୍ଷା କ୍ଷେତ୍ରରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପାଠ୍ୟକ୍ରମ ବର୍ତ୍ତମାନ ଖୋଲା ଅଛି ଯେଉଁଥି ପାଇଁ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ । ମୁଁ ଚାହୁଁଛି ତୁମର ଆନ୍ତରିକତା ଏବଂ ଉଦ୍ଦେଶ୍ୟର ସଚ୍ଚୋଟତା ଦେଶରବାସୀ ବିଶେଷ ଭାବରେ ଓଡ଼ିଶା ରାଜ୍ୟ ଦ୍ୱାରା ମୂଲ୍ୟବାନ ହେବ। ଏହା ଅତ୍ୟନ୍ତ ପ୍ରଶଂସନୀୟ । ଦେଶରେ ୮୫ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ୨୮ଟି ନବୋଦୟ ବିଦ୍ୟାଳୟ ବିଶେଷ କରି ଓଡ଼ିଶାରେ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏଥି ଯୋଗୁଁ ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି।

ଆପଣ ଜାଣିଛନ୍ତି ଯେ ଯାଜପୁର ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ଯାଜପୁର ଏବଂ ଯାଜପୁର ରୋଡ୍ ଠାରୁ ପ୍ରାୟ ୫୦ କିଲୋମିଟର ଦୂରରୁ ବଡଚଣା ନିର୍ବାଚନ ମଣ୍ଡଳୀ ରହିଛି । ଏହାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ଶିକ୍ଷା ସୁବିଧା ଯୋଗାଇବା ପାଇଁ ଚଣ୍ଡିଖୋଲ ନିକଟରେ ଏକ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ନବୋଦୟ ବିଦ୍ୟାଳୟ ଖୋଲିବାର ଆବଶ୍ୟକତା ରହିଛି।

## ଜାନୁଆରୀରେ ରାଜ୍ୟ ବିଜେପିର ସଭାପତି ନିର୍ବାଚନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାନୁଆରୀ ମାସରେ ରାଜ୍ୟ ବିଜେପି ନୂଆ ସଭାପତି ନିର୍ବାଚନ । ଏନେଇ ସୂଚନା ଦେଲେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର । ଆମର ଗଣତାନ୍ତ୍ରିକ ଦଳ, ଗଣତାନ୍ତ୍ରିକ ଉପାୟରେ ସଭାପତି ନିର୍ବାଚନ ବୋଲି କହିଛନ୍ତି ବିଜୟପାଲ ସିଂ ତୋମାର । ଆମର ସାଙ୍ଗଠନିକ ନିର୍ବାଚନ୍ ଆରମ୍ଭ ହୋଇଛି , ମଣ୍ଡଳ ନିର୍ବାଚନ୍ ବୁଥ ଓ ମଣ୍ଡଳ ନିର୍ବାଚନ୍ ଚାଲିଛି ଏହାପରେ ଜିଲ୍ଲା ସଭାପତି ନିର୍ବାଚନ୍ ପରେ ରାଜ୍ୟ ସଭାପତି ବଛାଯିବ । ଆଗାମୀ ମାସରେ ନୂଆ ରାଜ୍ୟ ସଭାପତି ବଛାଯିବେ । ଆମର ଗଣତାନ୍ତ୍ରିକ ଦଳ ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ୍ ହୋଇ ସଭାପତି ବଛାଯିବେ ବୋଲି ରାଜ୍ୟ ପ୍ରଭାରୀ କହିଛନ୍ତି ।

## କମିସନରେଟ ପୋଲିସ ହାତରେ ସାଇବର ଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କମିସନରେଟ ପୋଲିସ ହାତରେ ସାଇବର ଠକ । ପ୍ରେସ୍ଟିଜ ଆପାର୍ଟମେଂଟରେ ଖୋଲିଥିଲେ କଲ ସେଂଟର । ୪ଜଣଙ୍କୁ ହେପାଜତକୁ ନେଲା ପୋଲିସ । ସେମାନଙ୍କ ଠାରୁ ମୋବାଇଲ, ଲାପଟପ, ପାସପୋର୍ଟ, ବିପୁଳ ସିମ କାର୍ଡ ଜବତ ହୋଇଛି । ସମସ୍ତ ଅଭିଯୁକ୍ତ ଦିଲ୍ଲୀର ବୋଲି ଜଣାପଡିଛି ।

**ପୂର୍ବ ତଟ ରେଳପଥ**
**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**
ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PRKING
ଷ୍ଟେସନ ଏବଂ ସ୍ଥାନ : ନରଣପୁର-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.27.12.2024ରିଖ 1100 ଘଟିକା ।
ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.27.12.2024ରିଖ 1130 ଘଟିକା ।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-797/P/24-25

# ୮ନଂ ସରକାରୀ ବାଳକ ବିଦ୍ୟାଳୟ ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଠ ନମ୍ବର ସରକାରୀ ବାଳକ ବିଦ୍ୟାଳୟର ୧୯୭୮ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁମିଳନ ବାଲିଅନ୍ତା ଠାରୁ କିଛି ଦୂରରେ ଥିବା ପ୍ରାକୃତିକ କୋଳରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନରେ ୩୦ଜଣ ବନ୍ଧୁ ପରସ୍ପର ଭିତରେ ବାଣ୍ଟିଥିଲେ କିଛି ସ୍ମୃତି ଓ ଅନୁଭୂତି। କିଛି ସୁଖ, କିଛି ଦୁଃଖ, ପରିଣତ ବୟସରେ ସମାଜ ପାଇଁ କିଛି କରିବାର ପ୍ରତିଶ୍ରୁତି। ମନୋରମ ପରିବେଶ, ଶୀତୁଆ ସକାଳ, ଟିକେ ଟିକେ ବର୍ଷା, ବାଃ ନେଇଯାଇଥିଲା ସମସ୍ତଙ୍କୁ ଗୋଟେ ସ୍ୱପ୍ନର ରାଇଜକୁ, ଯେଉଁଠି ସମସ୍ତେ ଖୋଜୁଥିଲେ ଅତୀତକୁ, ପିଲାଦିନର ପୁରୁଣା ସ୍ମୃତିକୁ। ଆଖି ଆପଣର କାଠଗଡ଼ା ଭିତରୁ ବାହାରି ଯାଇ ଖୋଜୁଥିଲେ ସେଇ ତୁ, ତା'ର ଦିନକୁ। ସମୟ ତ ଖୁବ୍ ଆଗେଇ ଯାଇଥିଲା, ୪୬ ବର୍ଷ କିଛି କମ୍ କଥା ନୁହେଁ। ଆମେ କିନ୍ତୁ ଫେରିଥିଲୁ ପଛକୁ, ସମୟକୁ ଭ୍ରୁକ୍ଷେପ ନକରି। ପକ୍ୱକେଶ, ବାର୍ଦ୍ଧକ୍ୟକୁ ଭୁଲି କିଛି ସମୟ ପାଇଁ ଆମେ ହୋଇଯାଇଥିଲୁ ତାରୁଣ୍ୟରେ ଛଳଛଳ, ସମସ୍ତେ ଶୁଣୁଥିଲେ ଯେମିତି ଅତୀତର ମଧୁର ସଙ୍ଗୀତ। ବିଶ୍ୱନାଥ ପତି ତା ଯୌବନର ମୁମ୍ବାଇ ଗସ୍ତର ସ୍ମୃତି ବଖାଣୁଥିଲା। ସମସ୍ତେ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲେ। ଭାନୁ, ଜିତେନ୍ଦ୍ର (ତଜୁ), ଲୋକନାଥଙ୍କ ଅକ୍ଲାନ୍ତ ପରିଶ୍ରମ ରୂପ ଦେଇଥିଲା ଏଇ ବନ୍ଧୁ ମିଳନକୁ। ଅମୀୟ, ଅସିତ, ଚଣ୍ଡୀ, ମିହିର, ହିମାଂଶୁ, ବରଦା, କ୍ଷେତ୍ରମୋହନ, ସଞ୍ଜୀବ, ଜ୍ୟୋତିରଞ୍ଜନ, ପ୍ରାଣକୃଷ୍ଣ, ବିଭୂତି, ଅବନୀ, ଦିଲ୍ଲୀପ, ପ୍ରଫୁଲ୍ଲ, ଦେବବ୍ରତ, ଗୌରୀ, ଚିରରଞ୍ଜନ, ବିଶ୍ୱନାଥ ସାମନ୍ତରାୟ ପରସ୍ପର ଭିତରେ ସ୍ମୃତି ବାଣ୍ଟୁଥିଲେ। ସମୟ ଅଟକି ଯାଇଥିଲା କିଛି ସମୟ ପାଇଁ। ମନେ ପଡ଼ିଥିଲେ ଆମ ଗହଣରୁ ହଜିଯାଇଥିବା ଦେବାନନ୍ଦ ସୁବୁଦ୍ଧି, ଗିରିଜା ଶଙ୍କର ମହାନ୍ତି, ସୁଦାମ ପେରା, ପ୍ରଦୀପ୍ତ କୁମାର ଦାସ, ସୁଶାନ୍ତ ରାୟ, ରଜନୀକାନ୍ତ ସ୍ୱାଇଁ, ଅରୁଣ ରାୟ ପ୍ରମୁଖ ୭ ଜଣ ବନ୍ଧୁ। ସେମାନଙ୍କ ଲାଗି ୧ ମିନିଟ୍ ନୀରବ ପ୍ରାର୍ଥନା କଲାବେଳେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଡାକୁଥିଲୁ, ହେ ପ୍ରଭୁ, ଆଗାମୀ ବନ୍ଧୁମିଳନ ବେଳକୁ ଯେତିକି ଅଛୁ, ସେତିକି ଥାଉ। ସନ୍ଧ୍ୟା ନଇଁ ଆସୁଥିଲା, ଫେରୁଥିଲୁ ବିଦାୟ ନେଇ ପରସ୍ପର ଠାରୁ। ମନ କିନ୍ତୁ ରହିଯାଇଥିଲା ସେଇଠି, ପୁଣି ମିଶିବାର ଇଚ୍ଛା ନେଇ। ୩୦ ଜଣ ବନ୍ଧୁ ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ସ୍କୁଲ୍ ଜୀବନର ସ୍ମୃତିଚାରଣ କରିଥିଲେ ବୋଲି ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

ଭୁବନେଶ୍ୱର
୧୩ ଡିସେମ୍ବର
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଆଦ୍ୟପର୍ବ ଆରମ୍ଭ

# ୧୭ରେ ରଥକାଠ ଛେଦନ ଅନୁକୂଳ

**ଗଣିଆ ୧୨/୧୨**
**ନ୍ୟୁଜ ବ୍ୟୁରୋ**



ଶ୍ରୀକ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆଦ୍ୟପର୍ବ ଆରମ୍ଭ ହୋଇଛି । ରଥକାଠ ଅନୁକୂଳ ନିମନ୍ତେ ଦିନ ଧାର୍ଯ୍ୟ ହୋଇଛି। ଆଗାମୀ ୧୭ ତାରିଖ ଦିନ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ବଡ଼ମୂଳସ୍ଥିତ ମା' ବଡ଼ରାଉଳଙ୍କ ପୀଠରେ ରଥକାଠ ଛେଦନ ଅନୁକୂଳ ହେବ । ରଥକାଠ ଅନୁକୂଳ ପୂଜକ ପ୍ରସନ୍ନ କୁମାର ଦାଶ ଏବଂ ଗଣକ ପ୍ରଫୁଲ୍ଲ କୁମାର ଦାଶଙ୍କ ଗଣନା ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନକୁ ୧୭ ଓ ୨୪ ତାରିଖ ରଥକାଠ ଛେଦନ ଅନୁକୂଳ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୧୭ ତାରିଖକୁ ରଥକାଠ ଛେଦନ ଅନୁକୂଳ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ ପରେ ଦଶପଲ୍ଲା ବନାଞ୍ଚଳ ଓ ଗଣିଆ ବନାଞ୍ଚଳ ପକ୍ଷରୁ ପୂଜାନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ପୂର୍ବ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ ପାଇଁ ନିଷ୍ପତ୍ତି ନିଆଯାଇଛି । ୧୬ ତାରିଖ ଅପରାହ୍ଣରେ ଶ୍ରୀମନ୍ଦିର ପ୍ରଶାସନର ଏକ ପ୍ରତିନିଧି ଦଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଧରି ନୟାଗଡ଼ ବନଖଣ୍ଡରେ ପହଞ୍ଚିବେ । ୧୭ତାରିଖ ପୂର୍ବାହ୍ଣରେ ଶ୍ରୀମନ୍ଦିର ପ୍ରତିନିଧି ଦଳ ମା' ବଡ଼ରାଉଳଙ୍କ ପୀଠରେ ପହଞ୍ଚି ଆଜ୍ଞାମାଳ ଲାଗି ପରେ ପୂଜା ଆରମ୍ଭ ହେବ । ସକାଳ ୮ଟାଠାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ପୂଜା, ହୋମ ଓ ନାମ ସଂକୀର୍ତ୍ତନ ହେବ ବୋଲି ସ୍ଥାନୀୟ ରାମଚନ୍ଦ୍ର ସାମନ୍ତରାୟ କଲେଜ ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରୁ ସୂଚନା ମିଳିଛି।

## ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି : ସନ୍ଧ୍ୟା ୬ଟାରୁ ରାତି ୧୦ ଯାଏ ଦର୍ଶନ ବନ୍ଦ

# ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ : ୫୦୦ରୁ ଊର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ

**ପୁରୀ,୧୨/୧୨ ନ୍ୟୁଜ ବ୍ୟୁରୋ**



ଗୁରୁବାର ଶ୍ରୀଜୀଉଙ୍କ ବନକଲାଗି ନୀତି ହୋଇଛି । ଦ୍ୱିତୀୟ ଭୋଗ ଶେଷ ପରେ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ରହିଛି । ଏହି ନୀତି ଦତ୍ତ ମହାପାତ୍ର ସେବକମାନେ ସମ୍ପାଦନା କରିଥିଲେ । ହେଙ୍ଗୁଳ, ହରତାଳ, କସ୍ତୁରୀ, କେଶର ଆଦି ଦ୍ରବ୍ୟରେ ଦତ୍ତ ମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖକୁ ଶୃଙ୍ଗାର କରିଥିଲେ। ଏହି ନୀତି ସମ୍ପାଦନା ପରେ ଠାକୁରଙ୍କ ମହାସ୍ନାନ ନୀତି ସମ୍ପନ୍ନ ହୋଇଛି । ପରେ ଶ୍ରଦ୍ଧାଳୁମାନେ ରତ୍ନସିଂହାସନ ଉପରେ ବିରାଜମାନ ଶ୍ରୀଜୀଉଙ୍କୁ ଦର୍ଶନ କରିବାର ସୁଯୋଗ ଲାଭ କରିଥିଲେ।

ଗୁରୁବାର ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ। ଦୀର୍ଘବର୍ଷ ଧରି ପୁରୀର ଗୌରବିହାର ବା ମାତା ମଠରେ ମାର୍ଗଶୀର ଶୁକ୍ଳ ଦ୍ୱାଦଶୀକୁ ବ୍ୟଞ୍ଜନ ଦ୍ୱାଦଶୀ ଭାବେ ପାଳନ କରାଯାଇଆସୁଛି। ଦ୍ୱାପର ଯୁଗର ଲୋକକଥା ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ବ୍ୟଞ୍ଜନ ଦ୍ୱାଦଶୀକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଉଛି। ବିଶେଷକରି ଗୌଡ଼ୀୟ ବୈଷ୍ଣବଙ୍କ ଦ୍ୱାରା ପ୍ରତିବର୍ଷ ଏହି ଦିନରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଥାଏ। ଦ୍ୱାପର ଯୁଗରେ ମା' ଯଶୋଦା ସ୍ନେହ, ଶ୍ରଦ୍ଧାର ସହ ଏହି ଦିନରେ ନାନାଦି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଏହି ପରମ୍ପରାକୁ ବୈଷ୍ଣବ ଗୌଡ଼ୀୟମାନେ ବଞ୍ଚାଇ ରଖିଥିବା ବେଳେ ଏହି ପର୍ବର ଯଥେଷ୍ଟ ପୂର୍ବରୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ପାଇଁ ଆରମ୍ଭ ହୁଏ ପ୍ରକ୍ରିୟା। ଗଞ୍ଜାମ, ଗଜପତି, ପୁରୀ ତଥା ପଶ୍ଚିମବଙ୍ଗର ବହୁ ଶ୍ରଦ୍ଧାଳୁ ରାଧାଙ୍କୁ ସ୍ମରଣ କରି ବହୁ ଶ୍ରମ କରି ବହୁବିଧ ବ୍ୟଞ୍ଜନ ପ୍ରସ୍ତୁତ କରିବା ସହ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି। ଏହା ପରେ ସ୍ୱତନ୍ତ୍ର ପତ୍ରରେ ସମ୍ମିଳିତ ଭାବେ ସମସ୍ତେ ପ୍ରସାଦ ସେବନ କରିଥାନ୍ତି। ପ୍ରତି ବର୍ଷ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହୋଇଆସୁଥିବା ବେଳେ ଗତଥର ୮୫୧ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା ଏହି ମଠରେ।

## ବିକଶିତ ଭାରତର ପ୍ରଥମ ସୋପାନ ହେଉଛି ମାତୃଭାଷା

# ୭୯ଟି ଭାରତୀୟ ଭାଷାରେ ବର୍ଣ୍ଣବୋଧ ପ୍ରସ୍ତୁତି ପାଇଁ ସରକାରଙ୍କ ପଦକ୍ଷେପ

**ନୂଆଦିଲ୍ଲୀ,୧୨/୧୨**



ମୋଦି ସରକାରଙ୍କ ଶାସନରେ ଭାରତର ବିଭିନ୍ନ ଅଞ୍ଚଳର ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦେବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ପୂର୍ବରୁ ଔପନିବେଶିକ ଶାସନ କାଳରେ ଯଥେଷ୍ଟ ସଙ୍କୁଚିତ ଥିଲା ମାତୃଭାଷା । ୧୮୩୫ ମସିହା ଫେବୃୟାରୀ ୨ ତାରିଖରେ ଥୋମାସ୍ ବାବିଙ୍ଗଟନ୍ ମାକଲେ ଭାରତର ତତ୍କାଳୀନ ଗଭର୍ଣ୍ଣର ଜେନେରାଲଙ୍କୁ 'ଭାରତୀୟ ଶିକ୍ଷା ସମ୍ବନ୍ଧେ ମାକଲେଙ୍କ ମିନିଟ୍'ନାମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ ଭାରତର ମାତୃଭାଷାଗୁଡ଼ିକୁ ଗୌଣ କରି ଇଂରାଜୀ ଭାଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା । କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ମରାଠୀ, ପାଲି, ପ୍ରାକୃତ, ଅହମୀୟା ଏବଂ ବଙ୍ଗଳା ଆଦି ପାଞ୍ଚଟି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରି ଏକ ଉଦାହରଣ ସୃଷ୍ଟି କରିଛି।

ବିଶେଷ ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାତୃଭାଷାର ଗୁରୁତ୍ୱ ଆମ ଜୀବନଶୈଳୀକୁ କେତେ ପ୍ରଭାବିତ କରେ, ଆମର ଶିକ୍ଷାଗତ ଯୋଗ୍ୟତା ପାଇଁ ମାତୃଭାଷାର ଗୁରୁତ୍ୱପୂର୍ଣ୍ଣ କେତେ ରହିଛି, ତାହା ସମସ୍ତ ଭାରତବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଆମ ଦେଶର ଭାଷା ବିବିଧତା ଗତ ଐତିହ୍ୟକୁ ଉଜ୍ଜୀବୀତ ରଖିବା ପାଇଁ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଡିସେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ପାଳିତ ହୋଇଛି ଭାରତୀୟ ଭାଷା ଉତ୍ସବ । ଏହି ଉତ୍ସବରେ ଡିସେମ୍ବର ୧୧ ତାରିଖରରେ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ପାଳିତ ହୋଇଛି। ଭାରତରେ ଭାଷାଗତ ବିବିଧତା ରାଷ୍ଟ୍ରୀୟ ଏକତାକୁ ସୁଦୃଢ଼ କରିବା ସହ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇଥାଏ । ତେଣୁ ପ୍ରତ୍ୟେକ ଭାରତୀୟ ଆପଣାର ଭାଷାଗତ ସ୍ୱାଭିମାନକୁ ସମ୍ମାନ ସୂଚକ ପଦକ ରୂପେ ଧାରଣ କରିବା ଉଚିତ । ଏହା ଉପରେ ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, 'ଜାତିସଂଘରେ ମଧ୍ୟ ମୁଁ ଗର୍ବର ସହ ଭାରତୀୟ ଭାଷାରେ କଥା ହେଉଛି । ଯଦି ଉପସ୍ଥିତ ଶ୍ରୋତାମାନଙ୍କୁ ମୋ ଭାଷାକୁ ବୁଝି କରତାଳି ଦେବାରେ କିଛି ସମୟ ଲାଗୁଛି, ଲାଗୁ ।' ଏପରି ଦମ୍ଭୋକ୍ତି ଭାରତର ଭାଷାଗତ ବିବିଧତାର ଗୌରବ ବଜାୟ ରଖିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ସୂଚାଉଛି ଏବଂ ଆମ ଭାଷାଗତ ସ୍ୱାଭିମାନର ମହତ୍ତ୍ୱକୁ ମଧ୍ୟ ଦର୍ଶାଉଛି। ମୋଦି ସରକାର ଭାରତୀୟ ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦେଇ ୭୯ଟି ଭାଷାରେ ବର୍ଣ୍ଣବୋଧ ବା ପ୍ରାଇମର ପ୍ରସ୍ତୁତି ପାଇଁ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ଉଚ୍ଚକୋଟୀର ସାବ୍ୟସ୍ତ ହୋଇଛି । ଭାରତର ଭାଷାଗତ ବିବିଧତା ହିଁ ଏହାର ଶିକ୍ଷାଗତ ଉତ୍କର୍ଷ ଏବଂ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଉନ୍ନତିର ମୂଳଦୁଆ ଅଟେ।

# ଡ. ଅଚ୍ୟୁତ ସାମନ୍ତଙ୍କୁ ୬୩ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର, ୧୨।୧୨**
**ନ୍ୟୁଜ ବ୍ୟୁରୋ**

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କୁ ମଧ୍ୟପ୍ରଦେଶର ରେୱାସ୍ଥିତ ଅବଧେଶ ପ୍ରତାପ ସିଂହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଗୁରୁବାର ଅବଧେଶ ପ୍ରତାପ ସିଂହ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ସମାରୋହ ଅବସରରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଡ. ଅଚ୍ୟୁତ ସାମନ୍ତଙ୍କ ୬୩ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ଏହି ସମ୍ମାନ ଗ୍ରହଣ କରି ଡ. ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି । ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଡ. ସାମନ୍ତ କହିଛନ୍ତି । ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଡ. ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ମଙ୍ଗୁଭାଇ ପଟେଲ ଓ କୁଳପତି ଡ ରାଜକୁମାର ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ୧୯୬୮ ମସିହାରେ ପ୍ରତିଷ୍ଠିତ ଅବଧେଶ ପ୍ରତାପ ସିଂହ ବିଶ୍ୱବିଦ୍ୟାଳୟ ଏକ ସମ୍ମାନଜନକ ସରକାରୀ ବିଶ୍ୱବିଦ୍ୟାଳୟ ।

# ଓଡ଼ିଶା ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟିତ



**ଭୁବନେଶ୍ୱର, ୧୨/୧୨ ନ୍ୟୁଜ ବ୍ୟୁରୋ**

ଗୁରୁବାର କଳିଙ୍ଗ ଷ୍ଟାଡିଅମ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତ ଗୋପୀଚନ୍ଦ ଓଡ଼ିଶା ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ଏବଂ ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳୀ ପୁଲେଲା ଗୋପୀଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ୭୭ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ହୋଇଥିବା ଏହି ଇଣ୍ଡୋର ହାଇ ପରଫରମାନ୍ସ ସେଣ୍ଟରରେ ୪୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା ସହିତ ୮ଟି ଶୀତତାପ ନିୟନ୍ତ୍ରିତ ବ୍ୟାଡମିଣ୍ଟନ କୋର୍ଟ ରହିଛି । ଏଥିରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନର ସୁବିଧା କରାଯାଇଛି । ଏଥିସହିତ ଏହି ସେଣ୍ଟରରେ ୩୬ ଜଣ ଖେଳାଳୀ ରହିଲା ଭଳି ଅତ୍ୟାଧୁନିକ ସୁବିଧାସୁଯୋଗ ମଧ୍ୟ ବିକଶିତ କରାଯାଇଛି । ୨୦୦ ସିଟ୍ ବିଶିଷ୍ଟ ଏକ ଆମ୍ଫିଥିଏଟର ସହିତ ଏହି ସେଣ୍ଟରଟିକୁ ବ୍ୟାଡମିଣ୍ଟନ ସଟଲକକ୍ ସଦୃଶ୍ୟ ନିର୍ମାଣ କରାଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ପୁଲେଲା ଗୋପୀଚନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ ଏବଂ ଡାଲମିଆ ଭାରତ ଗ୍ରୁପର ସହଯୋଗରେ ଭୁବନେଶ୍ୱରରେ ଏହି ସେଣ୍ଟର ପ୍ରତିଷ୍ଠା ଦ୍ୱାରା ଓଡ଼ିଶାର ଯୁବ ବ୍ୟାଡମିଣ୍ଟନ ଖେଳାଳୀମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ସୁଯୋଗ ସୃଷ୍ଟି ହେଲା। ଏହି ସେଣ୍ଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଂଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡଃ ହିମନ୍ତ ବିଶ୍ୱଶର୍ମା, ବିଶିଷ୍ଟ ବ୍ୟାଡମିଂଟନ ଖେଳାଳୀ ପଦ୍ମଭୂଷଣ ପୁଲେଲା ଗୋପୀଚନ୍ଦ ଏବଂ ଡାଲମିଆ ଭାରତ ଗ୍ରୁପର ସିଇଓ ପି.ୱାଇ ଡାଲମିଆ ଓ ଏମ୍.ଡି ଗୌତମ ଡାଲମିଆଙ୍କ ସହଯୋଗ ଓ ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡଃ ହିମନ୍ତ ବିଶ୍ୱଶର୍ମା କହିଥିଲେ ଯେ ଏହି ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର କେବଳ ଭାରତବର୍ଷ ପାଇଁ ନୁହେଁ, ବିଶ୍ୱ କ୍ରୀଡ଼ା ଜଗତ ପାଇଁ ଏକ ଉଲ୍ଲେଖନୀୟ ମାଇଲ ଷ୍ଟୋନ । ଏହି ସେଂଟର ପାଇଁ ଓଡିଶା ସରକାରଙ୍କୁ ଧନ୍ୟବାଦ ଦେଇ ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳୀ ପୁଲେଲା ଗୋପୀଚନ୍ଦ ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାରଙ୍କର ପ୍ରଗତିଶୀଳ ଚିନ୍ତାଧାରାର ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇଥିଲେ। ଡାଲମିଆ ଭାରତ ଗ୍ରୁପର ସିଇଓ ଶ୍ରୀ ପି.ୱାଇ ଡାଲମିଆ ମଧ୍ୟ ତାଙ୍କ ଅଭିଭାଷଣରେ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ତାଙ୍କ ସଂସ୍ଥାର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂହ, ଭାରତ ଡାଲମିଆ ଗ୍ରୁପର ଏମ୍‌ଡି ଗୌତମ ଡାଲମିଆ ଏବଂ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ।

# ବିଜେଡିର ୭ଜଣ ସାଂସଦଙ୍କ ନବୀନଙ୍କ ଉପରେ ଆସ୍ଥା ଅଛି- ମୁନା ଖାଁ

**ଭୁବନେଶ୍ୱର,୧୨/୧୨**
**ନ୍ୟୁଜ ବ୍ୟୁରୋ**

ଆଗକୁ ବିଜେଡିର ରାଜ୍ୟସଭା ସାଂସଦ ବିଜେପିରେ ମିଶିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟସଭା ସାଂସଦ ମୁନା ଖାଁ। ଭାରତୀୟ ଜନତା ପାର୍ଟି ବିଜେଡିକୁ ଭାଙ୍ଗିବା ନେଇ ନିଜର ସୌକ ରଖୁଛି ସେଇ ଆଧାରରେ ଆମର ଦୁଇ ଜଣ ସାଂସଦ ଚାଲିଯାଇଛନ୍ତି। ତା ମାନେ ନୁହେଁ ଯେ ଆଗକୁ ଆଉ କେହି ଯିବେ। ଆମର ୭ ଜଣ ସାଂସଦଙ୍କର ନେତା ନବୀନ ପଟ୍ଟନାୟକଙ୍କ ଉପରେ ଅସ୍ଥା ଅଛି । ଆଉ ସେଭଳି କିଛି ନ ଘଟି ପାରେ। ୭ ଜଣ ସାଂସଦଙ୍କ ମଧ୍ୟରେ ଆଲୋଚନା ହୋଇଛି। ମିଳିତ ଭାବେ ଆମେ ୭ ଜଣ ଗଣ ମାଧ୍ୟମକୁ ସ୍ପଷ୍ଟିକରଣ ଦେବୁ। ମନ ଇଚ୍ଛା ଆମକୁ ମିଛରେ ବଦନାମ କରାଯାଉଛି। ଆମ ଭିତରେ କେହି ଯୋଗାଯୋଗରେ ନାହାଁନ୍ତି। ସୁଜିତ୍ ବାବୁ ପଲିଟିକାଲ ଲୋକ ନଥିଲେ। ସେ ତାଙ୍କ ଭାଗ୍ୟ ବଳରେ ରାଜ୍ୟସଭା ଯାଇଛନ୍ତି, ବିଜେଡି ଦଳ ପାଇଁ ତାଙ୍କର ଆସ୍ଥା ନଥିଲା ବୋଲି ମୁନା ଖାଁ କହିଛନ୍ତି ।

## କଟକରେ ୫ ବକ୍ସ ଡ୍ରେନ୍ ନିର୍ମାଣ ପାଇଁ ଯୋଜନା

# ଶିଶୁଭବନ ପରିସରରୁ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ

**କଟକ ୧୨।୧୨ ନ୍ୟୁଜ ବ୍ୟୁରୋ**



କଟକ ସହର ଭିତରେ ଆଉ ୫ଟି ବକ୍ସ ଡ୍ରେନ ନିର୍ମାଣ କରିବା ଲାଗି ଯୋଜନା କରିଛି ସିଏମସି । ଏନେଇ ୩ ଶହ ୩୯ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହୋଇସାରିଛି ଏବଂ ସରକାରଙ୍କ ମଞ୍ଜୁରୀ ଲାଗି ପଠାଯାଇଛି ବୋଲି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ସିଏମସି କର୍ତ୍ତୃପକ୍ଷ । କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଏହି ତଥ୍ୟ ରଖିଛନ୍ତି ସିଏମସି ସିଟି ଇଞ୍ଜିନିୟର । ସେହିପରି ତାଳଦଣ୍ଡା କେନାଲକୁ ପ୍ରଦୂଷଣ ମୁକ୍ତ ରଖିବା ଲାଗି ୩୨ କୋଟି ଟଙ୍କାର ନୂଆ ପ୍ରକଳ୍ପ କରାଯିବ ବୋଲି ସିଏମସି ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି । ତେଣେ ବଜ୍ରକବାଟୀ ବକ୍ସଡ୍ରେନ୍‌କୁ ମାତୃ ଭବନ ପର୍ଯ୍ୟନ୍ତ ସାମ୍ପ୍ରସାରିତ କରାଯିବା ନେଇ ପ୍ରସ୍ତାବ ରହିଛି ବୋଲି ୱାଟ୍‌କୋ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ତେବେ ଶିଶୁ ଭବନରେ ଲାଗି ରହିଥିବା ସମସ୍ୟାକୁ ନେଇ ହାଇକୋର୍ଟ ଖୁବ୍ ବିରକ୍ତି ପ୍ରକାଶ କରିଛନ୍ତି । ଶିଶୁ ଭବନ ଭିତରେ ହୋଇଥିବା ସମସ୍ତ ଜବରଦଖଲ ତୁରନ୍ତ ହଟାଇବା ଲାଗି ନିର୍ଦ୍ଦେଶ ହୋଇଛି। ଯେପରି ଆମ୍ବୁଲାନ୍ସ ଯାତାୟାତରେ କୌଣସି ସମସ୍ୟା ଦେଖା ନଦେବ, ସେ ନେଇ ତ୍ୱରିତ ପଦକ୍ଷେପ ନେବା ଲାଗି ଉଭୟ ସିଡିଏ ଏବଂ ସିଏମ୍‌ସିକୁ ନିର୍ଦ୍ଦେଶ ହୋଇଛି। ଅନ୍ୟପଟେ ସତ୍ୟବ୍ରତ ଷ୍ଟାଡିୟମକୁ ବ୍ୟବହାର ଯୋଗ୍ୟ କରାଇବା ଲାଗି ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହାର ଉନ୍ନତି ଲାଗି ଯାହା ଆବଶ୍ୟକ ସେନେଇ ଏଏସଆଇ ସହିତ ସମନ୍ୱୟ ରକ୍ଷା କରି ନିର୍ମାଣ କାର୍ଯ୍ୟ କରିବାକୁ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

# ଓଡ଼ିଆରେ ଅନୁବାଦ ହେବ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ରାୟ

**କଟକ, ୧୨/୧୨ ନ୍ୟୁଜ ବ୍ୟୁରୋ**

ଏଣିକି ଓଡ଼ିଆ ଭାଷାରେ ହେବ କୋର୍ଟ କାର୍ଯ୍ୟ। ଓଡ଼ିଆରେ ଅନୁବାଦ ହେବ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ରାୟ । ନିଯୁକ୍ତ ହେବେ ୨୩ ଜଣ ଓଡ଼ିଆ ଅନୁବାଦକ। ଆଞ୍ଚଳିକ ଭାଷାକୁ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱାରୋପ ପରେ ଯୁଦ୍ଧକାଳୀନ ଭିତ୍ତିରେ ଏ ଦିଗରେ ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟଚାଲିଛି । ଏକ ସମନ୍ୱିତ ପ୍ରଣାଳୀରେ ଏହି କାର୍ଯ୍ୟ କରାଯାଉଛି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗଠିତ ଅନୁବାଦ କମିଟି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି । ୨୦୨୩ ରୁ ସୀମିତ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଓଡ଼ିଆ ଅନୁବାଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାରି ଭିତରେ ସୁପ୍ରିମକୋର୍ଟଙ୍କ ୨୯୪ ଟି, ଓଡ଼ିଶା ହାଇକୋର୍ଟଙ୍କ ୧୭୯ ଟି ଓ ୭ଟି ଲ୍ୟାଣ୍ଡମାର୍କ ରାୟର ଓଡ଼ିଆ ଅନୁବାଦ ହୋଇସାରିଛି । ଏସବୁକୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜିଲ୍ଲା ଓ ତାଲୁକା ଆଇନ ସେବା ପ୍ରାଧିକରଣମାନଙ୍କ ନିକଟକୁ ପଠାଯିବ । ଏହାଦ୍ୱାରା ଜନସଚେତନା ସୃଷ୍ଟି ହୋଇ ପାରିବ ବୋଲି ଆଶା କରାଯାଉଛି । ଏହାସହ ନୂତନ ଓଡ଼ିଆ ଆଇନ ଶବ୍ଦକୋଷର ମଧ୍ୟ ପ୍ରସ୍ତୁତି ଚାଲିଛି । ଏବେ ରାଜ୍ୟରେ ଥିବା ୨୮୩ଟି ଅଧିନିୟମ ମଧ୍ୟରୁ ୧୧ଟିର ଓଡ଼ିଆ ଅନୁବାଦ କରାଯାଇ ଇଣ୍ଡିଆ କୋଡରେ ସ୍ଥାନପାଇ ସାରିଛି । ବଳକା ଥିବା ୨୭୨ ଟି ଅଧିନିୟମ, ୩୬ ଟି ବିଜ୍ଞପ୍ତି, ୨୧ ଟି ରୁଲ୍ସ,୨ ଟି ଆଦେଶକୁ ମଧ୍ୟ ପର୍ଯ୍ୟାୟକ୍ରମେ ଓଡ଼ିଆ ଅନୁବାଦ କରାଯିବ ।




# ୫ ବର୍ଷରେ ୧୭୪୭ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି : ୨୨ ହଜାର ଯାଏଁ ମାସିକ ଗ୍ରାଣ୍ଟ

**ଭୁବନେଶ୍ୱର,୧୨/୧୨**
**ନ୍ୟୁଜ ବ୍ୟୁରୋ**




ଷ୍ଟାର୍ଟଅପ୍ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଦିଗରେ ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ଓଡ଼ିଶା ସ୍ଥାପନ କରିଛନ୍ତି । ଗତ ୫ ବର୍ଷରେ ମୋଟ ୧୭୪୭ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି ମିଳିଛି। ଏହା ରାଜ୍ୟର ଔଦ୍ୟୋଗିକତା ସଂସ୍କୃତି ଓ ବାଣିଜ୍ୟିକ ବୃଦ୍ଧି ସହ ନବସୃଜନକୁ ପ୍ରୋତ୍ସାହନ ଦିଗରେ ରହିଥିବା ପ୍ରତିବଦ୍ଧତାକୁ ଦୋହରାଉଛି। ଷ୍ଟାର୍ଟଅପ୍ ଓଡ଼ିଶା କୌଣସି ଷ୍ଟାର୍ଟଅପ୍‌କୁ ସିଧାସଳଖ ଋଣ ପ୍ରଦାନ କରି ନ ଥାଏ । ତେବେ ଏହି ଷ୍ଟାର୍ଟଅପ୍‌ଗୁଡିକ ମଧ୍ୟରେ ବିଶେଷ ଯୋଗଦାନ ଦେଉଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ଅନୁଦାନ ପ୍ରଦାନ କରାଯାଉଛି । ୩୨୨ ଷ୍ଟାର୍ଟଅପ୍ ୨୪ କୋଟିର ଅନୁଦାନ ପାଇଥିବା ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ଶ୍ରୀ ମଲ୍ଲିକ କହିଲେ, ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ପାଣ୍ଠି ସହାୟତା ପ୍ରଦାନ କରାଯାଉଛି । ଏ ଦିଗରେ ଷ୍ଟାର୍ଟଅପ୍ ଓଡ଼ିଶା ଷ୍ଟାର୍ଟଅପ୍‌ଗୁଡିକର ବିଭିନ୍ନ ଆବଶ୍ୟକତାକୁ ନଜରରେ ରଖି ଅନେକ ଯୋଜନା ଗ୍ରହଣ କରୁଛି। ପ୍ରଦାନ କରାଯାଇଥିବା ଅନୁଦାନ ମଧ୍ୟରେ ୨୮୪ ମାସିକ ସହାୟତା ଗ୍ରାଣ୍ଟ (ଏମ୍‌ଏଜି) ରହିଛି। ସେହିଭଳି ୧୦୭ ଉତ୍ପାଦ ଉନ୍ନତିକରଣ ଏବଂ ବିପଣନ ସହାୟତା (ପିଡିଏମ୍‌ଏ) ପ୍ରଦାନ କରାଯାଇଛି । ଏହାବାଦ ଆବଶ୍ୟକତା ଭିତ୍ତିରେ ସହାୟତା (ଏନ୍‌ବିଏ) ବର୍ଗରେ ୨୪ ଷ୍ଟାର୍ଟଅପ୍ ଅନୁଦାନ ଜାରି କରାଯାଇଛି। ଶ୍ରୀ ମଲ୍ଲିକ କହିଲେ, ସରକାର ଷ୍ଟାର୍ଟଅପ୍ ପାଇଁ ଧାର୍ଯ୍ୟ ଗ୍ରାଣ୍ଟ ଏବଂ ସୁବିଧା ମଧ୍ୟରେ ମାସିକ ସହାୟତା ଗ୍ରାଣ୍ଟ ଭାବେ ସାଧାରଣବର୍ଗରେ ବର୍ଷ ଲାଗି ୨୦ ହଜାର ଲେଖାଏଁ ଏବଂ ସ୍ୱତନ୍ତ୍ର ବର୍ଗରେ ୨୨ ହଜାର ଲେଖାଏଁ ପ୍ରଦାନ କରୁଛନ୍ତି । ସେହିଭଳି ଉତ୍ପାଦ ଉନ୍ନତିକରଣ ଏବଂ ବିପଣନ ସହାୟତା ବାବଦକୁ ଏହି ୨ ବର୍ଗରେ ଯଥାକ୍ରମେ ୧୫ ଲକ୍ଷ ଏବଂ ୧୬ ଲକ୍ଷ ଲେଖାଏଁ ପ୍ରଦାନ କରାଯାଉଛି। ୨ଟି କିସ୍ତିରେ ଏହି ଅର୍ଥ ଦେବାର ବ୍ୟବସ୍ଥା ହୋଇଛି। ସେହିଭଳି ନିର୍ଦ୍ଦିଷ୍ଟ ଆବଶ୍ୟକତା କ୍ଷେତ୍ରରେ ମଧ୍ୟ ସହାୟତା ରାଶି ବ୍ୟବସ୍ଥା ରହୁଛି । ପ୍ରଥମ କିସ୍ତି ମିଳିବା ପରେ ଷ୍ଟାର୍ଟଅପ୍ ବିନିଯୋଗ ପ୍ରମାଣପତ୍ର ୧ ଦେବେ। ପାଣ୍ଠିଗୁଡିକ ଠିକ୍ ଭାବେ ବିନିଯୋଗ ହେଉଛି କି ନାହିଁ ସେ ନେଇ ଷ୍ଟାର୍ଟଅପ୍ ଓଡ଼ିଶା ତର୍ଜମା ମଧ୍ୟ କରିଥାଏ।